# ଜରାଜୀର୍ଣ୍ଣ ଅବସ୍ଥାରେ ତାଳଚେର ବିଏସ୍‌ଏନ୍‌ଏଲ୍ ଟେଲିଫୋନ ଭବନ

**ତାଳଚେର ସଦର, ୨୦।୨(ସମିସ)**

ଯେଉଁ କାର୍ଯ୍ୟାଳୟରେ ଦିନେ ଶହ ଶହ ଗ୍ରାହକଙ୍କ ଭିଡ଼ ଜମୁଥିଲା, ଆଜି ଭାରତର ଭରସାଯୋଗ୍ୟ ଭାରତ ସଂଚାର ନିଗମ ଲିଃର ଏହି ଟେଲିଫୋନ ଭବନଟି ସତେ ଯେପରି ଅଲୋଡ଼ା ହୋଇପଡ଼ିଥିବା ଲକ୍ଷ୍ୟ କରାଯାଉଛି। ଏହି ଭବନଟିକୁ ଦେଖିଲେ ସତେ ଯେପରି ଭୂତକୋଠିରେ ପରିଣତ ହୋଇଛି। ତାଳଚେର ଟାଉନ ଅଙ୍ଗାରୁଆ ସାପ୍ତାହିକ ଶନିବାର ହାଟ ନିକଟରେ ରହିଥିବା ଏହି କାର୍ଯ୍ୟାଳୟ ଗୃହଗୁଡ଼ିକ ଏବେ ଭଙ୍ଗାରୁଜା ଅବସ୍ଥାରେ ପଡ଼ି ରହିଥିବା ବେଳେ କାହିଁ କେତେ ଦିନରୁ କାନ୍ଥ ଗୁଡ଼ିକରେ ଚୂନ ଟିକେ ଲଗାଯାଇ ନଥିବାରୁ ଶିଉଳୀ




ଲାଗି ଅତି ବିବର୍ଣ୍ଣ ଅବସ୍ଥା ସୃଷ୍ଟି କରିଛି। ଏହି କାର୍ଯ୍ୟାଳୟର ଚର୍ତୁପାର୍ଶ୍ୱରେ ବିଭିନ୍ନ ଅନାବନା ଗଛ ସହ ନଟିରେ ପରିଣତ ହୋଇଥିବାରୁ ଏହି କାର୍ଯ୍ୟାଳୟକୁ ଗ୍ରାହକ ଯିବା ଲାଗି ସରୀସୃପଙ୍କ ଭୟ ଉପୁନ୍ନ ହେଉଛି। ଭାରତ ସଂଚାର ନିଗମ ଲିଃ ପୂର୍ବରୁ ଲ୍ୟାଣ୍ଡଫୋନ, ତାର ମାଧ୍ୟମରେ ଇଣ୍ଟରନେଟ ସେବା ଯୋଗାଇ ଦେବା, ଗ୍ରାହକମାନଙ୍କୁ କମ ମୂଲ୍ୟରେ ସେବା ପ୍ରଦାନ କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ଆସୁଥିଲା ଓ ଗ୍ରାହକଙ୍କ ଏଥିନେଇ ପ୍ରିୟଭାଜନ ହୋଇପାରିଥିଲା। ସରକାରଙ୍କ ଏହି ଭାରତ ସଂଚାର ନିଗମ ଲିଃ ପୂର୍ବରୁ ଘରେ ଘରେ ପରିଚିତ ହୋଇ ବହୁ ଅର୍ଥ ରୋଜଗାର କରି ଆସୁଥିଲା, ମାତ୍ର ଏବେ ଏହା ବିଭିନ୍ନ କାରଣରୁ ଗ୍ରାହକମାନେ ବିଏସଏନଏଲ ସେବାରୁ ମୁହଁ ମୋଡୁଥିବା ଆଶ୍ଚର୍ଯ୍ୟାନ୍ୱିତ କରିଛି। ବିଏସଏନଏଲ କମ୍ପାନୀ ଗ୍ରାହକମାନଙ୍କୁ ସଠିକ ଭାବେ ସେବା ଯୋଗାଇ ପାରୁ ନଥିବାରୁ ଲୋକମାନେ ଏହି ସେବାରୁ ବଞ୍ଚିତ ହୋଇ ଘରୋଇ ସେବା ଉପରେ ନିର୍ଭର କରୁଛନ୍ତି। ଘରୋଇ କମ୍ପାନୀ ସେବା ଉପରେ ଅଧିକ ଖର୍ଚ୍ଚାନ୍ତ ହେଉଥିଲେ ମଧ୍ୟ ଧୀରେ ଧୀରେ ଗ୍ରାହକ ବିଏସଏନ୍‌ଏଲ ଭବନକୁ ଯିବା କମ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟାଳୟରୁ କର୍ମଚାରୀ ମଧ୍ୟ କମିବାରେ ଲାଗିଛନ୍ତି। ତେଣୁ ସରକାର ଏହି ପୁରାତନ ଟେଲିଫୋନ ଭବନକୁ ତୁରନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ପୂର୍ବପରି ଗ୍ରାହକଙ୍କ ଭରସା ବଜାୟ ରଖିବାକୁ ସାଧାରଣରେ ଦାବି ହେଉଛି।

## ୯ କେନ୍ଦ୍ରରେ ୧,୫୯୦ ଛାତ୍ରଛାତ୍ରୀ ଦେଲେ ମ୍ୟାଟ୍ରିକ୍ ପରୀକ୍ଷା

**କିଶୋରନଗର, ୨୦।୨(ସମିସ):** ଆଜିଠାରୁ ଆରମ୍ଭ ହୋଇଛି ମ୍ୟାଟ୍ରିକ ବୋର୍ଡ ପରୀକ୍ଷା। କିଶୋରନଗର ବ୍ଲକର ୯ ଟି କେନ୍ଦ୍ରରେ ୧୫୯୦ ଜଣ ଛାତ୍ରଛାତ୍ରୀ ମ୍ୟାଟ୍ରିକ ପରୀକ୍ଷା ଦେଇଛନ୍ତି। କିଶୋରନଗର ହାଇସ୍କୁଲକୁ ନୋଡାଲ ସେଣ୍ଟର ଭାବେ ନିଆଯାଇ ପରୀକ୍ଷା ପରିଚାଳନା ଦାୟିତ୍ୱ ନୋଡାଲ ଅଫିସର ସୁପ୍ରଭା ସାହୁଙ୍କୁ ଦିଆଯାଇଛି। ସେହିପରି କିଶୋରନଗର ହାଇସ୍କୁଲ କେନ୍ଦ୍ରରେ ୧୭୪, ବାମୁରରେ ୧୫୫, ଅଙ୍ଗପଡ଼ାରେ ୧୮୧, ନାକଚିରେ ୨୪୪, ରଣିଆକଟାରେ ୧୩୧, ହଣ୍ଡପାରେ ୨୧୦, ଇଛା ପରରେ ୯୭, ବଇଣ୍ଡାରେ ୨୩୫, ଫୁଲାମ୍ବାରେ ୧୬୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସୁରକ୍ଷା ଦାୟିତ୍ୱରେ କିଶୋରନଗର ଓ ହଣ୍ଡପା ପୁଲିସର କର୍ମଚାରୀମାନେ ଦାୟିତ୍ୱ ତୁଲାଇଥିଲେ।

## ଦୋଳପୂର୍ଣ୍ଣିମା ଉତ୍ସବକୁ ନେଇ ପ୍ରସ୍ତୁତି ବୈଠକ

**ତାଳଚେର, ୨୦।୨(ସମିସ):** ଦୋଳଯାତ୍ରା ଉତ୍ସବକୁ ନେଇ ଦେଉଳବେଢ଼ା ତେଲିସାହି ଓ ହାଣ୍ଡିଧୂଆଁ ଗ୍ରାମ କମିଟି ମଧ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଳଚେର ପୌରାଞ୍ଚଳର ୧୮ ଓ ୧୯ ନମ୍ବର ୱାର୍ଡ ଅନ୍ତର୍ଗତ ଦେଉଳବେଢ଼ା ତେଲିସାହି ଓ ହାଣ୍ଡିଧୂଆଁ ଉଭୟ ଗ୍ରାମ ମିଶି ଦୀର୍ଘ ବର୍ଷ ହେବ ଦୋଳପୂର୍ଣ୍ଣିମା ପାଳନ କରି ଆସୁଛନ୍ତି। ଏହି ଉତ୍ସବର ୫ ଦିନ ପୂର୍ବରୁ ରାଧାକୃଷ୍ଣଙ୍କୁ ପରିକ୍ରମା କରି ସମସ୍ତ ଛକ ବଜାର ସାହି ନେଇ ଭୋଗ ଲଗାଇବା ସହ ରାବଣ ପୋଡ଼ି ଉତ୍ସବ ପାଳନ କରାଯାଏ। ଏହା ପରଦିନ ହାଣ୍ଡିଧୂଆଁ ଗ୍ରାମ ଫାଟକରୁ ଘଣ୍ଟ, ଗରୁଡ଼ ଖେଳ ଓ ବିଭିନ୍ନ କଳା ପ୍ରଦର୍ଶନ ଦ୍ୱାରା ବିରାଟ ବଡ଼ ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କୁ ଧରି ହାଣ୍ଡିଧୂଆଁ ଛକ, ଗାନ୍ଧୀ ଛକ ଓ ଦେଉଳବେଢା ତେଲିସାହି ଗ୍ରାମ ବୁଲାଇ ମେଲଣ ପଡ଼ିଆକୁ ଅଣାଯାଇଥାଏ। ଏହି ମେଲଣ ପଡ଼ିଆରେ ଭିନ୍ନ ଭିନ୍ନ ଦୋକାନ ବଜାରରୁ ଫାଇଦା ଓ ଅପେରାର ଭରପୁର ଉପଭୋଗ କରିଥାନ୍ତି ଦୂରଦୂରାନ୍ତରୁ ଆସିଥିବା ହଜାର ହଜାର ସଂଖ୍ୟାରେ ଦର୍ଶକ। ତେବେ ଆସନ୍ତା ମାର୍ଚ୍ଚ ୨୫ ତାରିଖରେ ଏହି ଉତ୍ସବ ଥିବା ହେତୁ ଉଭୟ ଗ୍ରାମ କମିଟିକୁ ନେଇ ଏକ ଦୋଳଯାତ୍ରା କମିଟି ଗଠନ ହୋଇଥିଲା। ଏଥିରେ ସଭାପତି ବିଦ୍ୟାଧର ପ୍ରଧାନ, ଉପସଭାପତି ନବକିଶୋର ସାହୁ, ସମ୍ପାଦକ ନରେଶ ସାହୁ, ସହ ସମ୍ପାଦକ ବିଜୟ ପୃଷ୍ଟି, କୋଷାଧ୍ୟକ୍ଷ ଗଙ୍ଗାଧର ପ୍ରଧାନ, ସହ କୋଷାଧ୍ୟକ୍ଷ ମାନସ ସାହୁ, ସେହିପରି କାର୍ଯ୍ୟନିର୍ବାହକ ମଧ୍ୟରେ ଦେଉଳବେଢା ତେଲିସାହି ଗ୍ରାମରୁ ତୁଷାର କୁମାର ସାହୁ, ବିଘ୍ନେଶ୍ୱର ସାହୁ, ବାବୁଲାଲ ପୃଷ୍ଟି, ଯୀଶୁଖ୍ରୀଷ୍ଟ ପୃଷ୍ଟି, ପ୍ରଦୀପ ସାହୁ ଓ ଶଙ୍କର୍ଷଣ ବେହେରା, ହାଣ୍ଡିଧୂଆଁ ଗ୍ରାମରୁ ଅଜୟ ପ୍ରଧାନ, ବଂଶୀ ଧର ସାହୁ, ରାଜକିଶୋର ପ୍ରଧାନ, ଅମର ସାହୁ, ଆଲୋକ ସାହୁ, ଓ ପ୍ରକାଶ ସାହୁଙ୍କୁ ମନୋନୀତ କରାଯାଇଛି।

## ୧୦ ହାଇସ୍କୁଲର ୧୮୨୩ ଛାତ୍ରଛାତ୍ରୀ ଦେଲେ ମାଟ୍ରିକ ପରୀକ୍ଷା

**ଆଠମଲ୍ଲିକ, ୨୦।୨(ସମିସ):** ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧିନରେ ୧୦ଟି ସ୍କୁଲ ଯଥା ପୁରୁଣା ମାଣତ୍ରି ଉଚ୍ଚ ବିଦ୍ୟାଳୟ, ଅଏଡ଼ା ଉଚ୍ଚ ବିଦ୍ୟାଳୟ, ମଧାପୁର୍ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, କିଆକଟା ଉଚ୍ଚ ବିଦ୍ୟାଳୟ, ଠାକୁର୍ ଗଡ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ, ରାଧା ମାଧବ ଉଚ୍ଚ ବିଦ୍ୟାଳୟ, ଅନ୍ତୁଳିଆ ଅପ୍ ଗ୍ରେଡ ଉଚ୍ଚ ବିଦ୍ୟାଳୟକୁ ମିଶାଇ ମୋଟ୍ ୧୮୨୩ ଛାତ୍ରୀ ଛାତ୍ର ପରୀକ୍ଷା ଦେବେ ବୋଲି ଜଣାପଡିଛି। ପ୍ରତ୍ୟେକ ପରୀକ୍ଷା ସେଣ୍ଟରରେ ସିସି ଟିଭିର ବ୍ୟବସ୍ଥା ହୋଇଛି। ନୋଡାଲ କେନ୍ଦ୍ରର ପରିଚାଳକ ଭାବରେ ଶିକ୍ଷକ ବିନୟ କୁମାର ବାଘର, ଅତିରିକ୍ତ ଦାୟିତ୍ୱରେ ସୁଧାଂଶୁ ବିଶ୍ୱାଳ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟ



**ତାଳଚେର ସଦର, ୨୦।୨(ସମିସ):** ଆଜି ଢେଙ୍କାନାଳ ସାଂସଦ ମହେଶ ସାହୁ ଓଡ଼ିଶା ରାଜ୍ୟର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ତାଙ୍କ ଲୋକସଭା ଭବନସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରି ଢେଙ୍କାନାଳ ଅନୁଗୋଳ ସଂସଦୀୟ କ୍ଷେତ୍ରରେ ପ୍ରସ୍ତାବିତ ବିଭିନ୍ନ ପ୍ରକଳ୍ପ ଓ ଅସମ୍ପୂର୍ଣ୍ଣ ଅବସ୍ଥା ଥିବା ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଆଲୋଚନା କରିଛନ୍ତି। ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ବିଶେଷ କରି ବନବାସୀ ଅଞ୍ଚଳର ବାକି ରହିଥିବା କାମଙ୍କୁ କିଭଳି ତ୍ୱରାନିତ କରାଯିବ ଏବଂ ସାଂସଦ ହେବାର ପ୍ରଥମ ପର୍ଯ୍ୟାୟରେ କଙ୍କଡ଼ାହାଡ଼ର ଏକୁଲ ସେକୁଲ ଯାହାକି କେନ୍ଦୁଝର ଜିଲ୍ଲାଠୁ ଢେଙ୍କାନାଳ ଜିଲ୍ଲା ସହିତ ସେତୁ ସଂଯୋଗିକରଣ କରିବ, ସେ ସମ୍ବୋଧନରେ ଆଲୋଚନା ମଧ୍ୟ କରିଛନ୍ତି। ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାଲ୍ୟଗିରି କଲେଜର କିଭଳି ଉନ୍ନତିକରଣ କରାଯିବ ସେ ସମ୍ବୋଧନରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ତା ସହିତ ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ଓଡ଼ପଡ଼ା, ଢେଙ୍କାନାଳ, ଗନ୍ଦିଆ ସମସ୍ତ ଅଞ୍ଚଳର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ବିଷୟରେ ସାଂସଦ ଶ୍ରୀ ସାହୁ ଓ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଆଲୋଚନା କରିଛନ୍ତି। ସାଂସଦ ମହେଶ ସାହୁ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରିଥିବା ସମସ୍ତ ପ୍ରକଳ୍ପ ବିଷୟରେ ଅବଗତ ଅଛନ୍ତି ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ।

### ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ ଦାବି

## ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସ୍ମାରକପତ୍ର

**ଅନୁଗୋଳ, ୨୦।୨(ସମିସ):** ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମସ୍ୟାର ସମାଧାନ ପାଇଁ ଆଜି ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅନୁପସ୍ଥିତିରେ ତାଙ୍କ ଦାୟିତ୍ୱରେ ଥିବା ଡାକ୍ତର ବିଶ୍ୱରଞ୍ଜନ ମହାନ୍ତିଙ୍କୁ ସାକ୍ଷାତକରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭେଷଜ, ଅସ୍ଥିଶଲ୍ୟ ବିଶେଷଜ୍ଞ ସମେତ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତ କରିବା, ନିଦାନ ବିଭାଗରେ ଆବଶ୍ୟକ ଉପକରଣ ଓ ରାସାୟନିକ ଦ୍ରବ୍ୟ ଯୋଗାଇଦେବା, ବର୍ଣ୍ଣ ୟୁନିଟ୍ ଲଗାଯାଇଥିବା ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା, ଟ୍ରମା କେୟାର ସେଣ୍ଟର କାର୍ଯ୍ୟକ୍ଷମ ପାଇଁ ବାସ୍ତବ ପଦକ୍ଷେପ ନେବା, ବରିଷ୍ଠ ନାଗରିକଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୁପରସ୍ପେସିଆଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନୀତ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଉପଖଣ୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ମୁତାବକ ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ପଦବୀ ପୂରଣ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତରିତ କରି ପୋଲଟ୍ରି ଫାର୍ମର ସମସ୍ତ ଜାଗାକୁ ଅବିଳମ୍ବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ନର୍ସିଂ କଲେଜ ଖୋଲିବା ପାଇଁ ପଦକ୍ଷେପ ନେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଆମୀଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପ୍ରଭୃତି ୧୦ଦଫା ସମ୍ବଳିତ ସ୍ମାରକପତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦାୟିତ୍ୱରେ ଥିବା ଡାକ୍ତର ବିଶ୍ୱରଞ୍ଜନ ମହାନ୍ତିଙ୍କୁ ପ୍ରଦାନ କରିବାସହିତ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ଦାବି ଯୁକ୍ତିଯୁକ୍ତ ଏବଂ ଦାବି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ପଦକ୍ଷେପ ନେବାକୁ ସେ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆଜିର ପ୍ରତିନିଧି ମଣ୍ଡଳୀରେ କମିଟିର ଅନ୍ୟତମ ଆବାହକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ତ୍ରେତାନନ୍ଦ ସାମନ୍ତ, ବ୍ରଜବନ୍ଧୁ ସାହୁ, ପଠାଣୀ ବାରିହା,



ତୀର୍ଥବାସୀ ଭୋଇ, ଦାମୋଦର ଦାସ, ମାନସ ପାଳ, ଅଶୋକ କୁମାର ପ୍ରଧାନ, ନିରୋଦ ପାଳ, ନବକିଶୋର ପ୍ରଧାନ, ତ୍ରିଲୋଚନା ଜେନା, ନିରୂପମା ପ୍ରଧାନ, ପ୍ରଦୀପ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲା ପ୍ରଶାସନର ପୂର୍ବ ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବା ଦାବିରେ ଦୁଇଟି ପୃଥକ ପୃଥକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଏବଂ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପରୋକ୍ତ ଅଫିସର ଡାକ ମାଧ୍ୟମରେ ପ୍ରଦାନ କରାଯାଇଛି। କମିଟି ପକ୍ଷରୁ ଉପସ୍ଥାପିତ ଜିଲ୍ଲାର ନ୍ୟାଯ୍ୟ ଦାବି ସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ବାସ୍ତବ ପଦକ୍ଷେପ ଗ୍ରହଣନକଲେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଆନ୍ଦୋଳନ ପାଇଁ କମିଟି ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।

## ■ ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା
## ୯୨ କେନ୍ଦ୍ରରେ ପରୀକ୍ଷା ଦେଲେ ୧୭,୦୫୬ ଛାତ୍ରଛାତ୍ରୀ

ଅନୁଗୋଳ, ୨୦।୨(ସମିସ): ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ବାର୍ଷିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥର ଅନୁଗୋଳ ଜିଲ୍ଲାରେ ନିୟମିତ ଭାବେ ୧୬,୭୩୯ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ରାଜ୍ୟ ଓପନ୍ ସ୍କୁଲର ୨୯୭ଜଣ ଓ ମଧ୍ୟମାରେ ୨୦ ଜଣ ପରୀକ୍ଷାର୍ଥୀଙ୍କୁ ମିଶାଇ ସମୁଦାୟ ୧୭୦୫୬ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଏଥିପାଇଁ ଅନୁଗୋଳ ଜିଲ୍ଲାରେ ୯୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏଥିରୁ ୯ଟି ସମ୍ବେଦନଶୀଳ କେନ୍ଦ୍ର ଭାବେ ଚିହ୍ନଟ କରାଯାଇଛି। ପରୀକ୍ଷା ପରିଚାଳନା ପାଇଁ ୮ଟି ନୋଡାଲ ସେଣ୍ଟର୍ କରାଯାଇଛି। ଏଠାରୁ ପ୍ରଶ୍ନପତ୍ର ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପଠାଯିବା ସହ ଉତ୍ତର ପତ୍ର ସଂଗ୍ରହ କରାଯିବ। ଏଥିପାଇଁ ୨୦ଟି ଡେସପ୍ୟାଚ୍ ଟିମ୍ ଗଠନ କରାଯାଇଛି। ସକାଳେ ନୋଡାଲ କେନ୍ଦ୍ରରୁ ପ୍ରଶ୍ନପତ୍ର ସହ ଏହି ଟିମ୍ ବାହାରି ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବା ପରୀକ୍ଷା ଶେଷ ହେଲା ପରେ ଉତ୍ତରଖାତା ସଂଗ୍ରହକରି ପୁଣି ନୋଡାଲ ସେଣ୍ଟରକୁ ଫେରିବା, ପରୀକ୍ଷାକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ୯୨ଜଣ ସୁପରିଣ୍ଟେଣ୍ଡେଣ୍ଟ, ୯୮ଜଣ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଏବଂ ୧୨୫୧ଜଣ ଇନଭିଜିଲଟରଙ୍କୁ ନିଯୁକ୍ତି ଦିଆଯାଇଛି। ପରୀକ୍ଷାରେ ଅସାଧୁ ବ୍ୟବସ୍ଥାକୁ ରୋକିବା ପାଇଁ ଜିଲ୍ଲାସ୍ତରରେ ୨ଟି ଓ ବୋର୍ଡସ୍ତରରେ ଗୋଟିଏ ସ୍କାଡ୍ ଗଠନ କରାଯାଇଛି। କିନ୍ତୁ ମଙ୍ଗଳବାର ଅନୁଷ୍ଠିତ ପରୀକ୍ଷାରେ ନିୟମିତ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୧ଜଣ ଅନୁପସ୍ଥିତ ଥିବା ବେଳେ ରାଜ୍ୟ ଓପନ ସ୍କୁଲର ୬୮ଜଣ ଏବଂ ମଧ୍ୟମାରୁ ୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ।

## ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ଜୟନ୍ତୀ

**କଣିହାଁ, ୨୦।୨(ସମିସ):** ତାଳଚେର ମାଟିର ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ତାଳଚେର ପ୍ରଜାମଣ୍ଡଳର ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ର ୧୦୭ ତମ ଜୟନ୍ତୀ ଶ୍ରୀଯୁକ୍ତ ବିଚ୍ଛନ୍ଦ ଚରଣ ପ୍ରଧାନ ସ୍ମୃତି କମିଟି ଆନୁକୂଲ୍ୟରେ ସଭାପତି ଡଃ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ କଣିହାଁ ଗାନ୍ଧୀ ମଣ୍ଡପଠାରେ ପାଳିତ ହୋଇଯାଇଛି। ପବିତ୍ର ମୋହନ ପ୍ରଧାନ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଅତିଥିବୃନ୍ଦ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ସଂଗ୍ରାମୀ ପ୍ରଧାନଙ୍କ ସଂଗ୍ରାମୀ ଜୀବନ ଉପରେ ଆଧାରିତ ପତ୍ରିକା 'ପ୍ରଣାମ ସଂଗ୍ରାମୀ' ଉନ୍ମୋଚନ କରିଥିଲେ। ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନଙ୍କ ଜୀବନୀ ଓ ଆଦର୍ଶ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ପ୍ରିୟଦର୍ଶିନୀ ସାହୁ, କୌଶଲ୍ୟା ଦେହୁରୀ ଓ ହଁସିକା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ତାଳଚେରର ବିଶିଷ୍ଟ କବି ରତ୍ନପ୍ରଭା ବାଇ କବିତା ମାଧ୍ୟମ ରେ ସଂଗ୍ରାମୀ ପ୍ରଧାନ ଙ୍କୁ କୃଷ୍ଣ ହୀରକ ତାଳଚେର ର ଅମୂଲ୍ୟ ହୀରା ଭାବରେ ଅଭିହିତ କରିଥିଲେ।ଅନ୍ୟତମ ଅତିଥି ଧନେଶ୍ୱର ସାହୁ ସଂଗ୍ରାମୀଙ୍କ ସଂଗ୍ରାମ କଥା ଅଭିହିତ କରିଥିଲେ। ମୁଖ୍ୟ ଅତିଥି ଭାବରେ କଣିହାଁ କୋଇଲା କ୍ଷେତ୍ରର କାର୍ଯ୍ୟକାରୀ ମହାପ୍ରବନ୍ଧକ ନରେଶ ସିଂ ରାଣା ସଂଗ୍ରାମୀ ପ୍ରଧାନଙ୍କୁ ଜଣେ ବହୁମୁଖି ପ୍ରତିଭା ର ଅଧିକାରୀ ଥିଲେ ବୋଲି ବର୍ଣ୍ଣନା କରିଥିଲେ। ସଭାପତି ଶ୍ରୀଯୁକ୍ତ ପ୍ରଧାନ ଆମ ସଂଗ୍ରାମୀ




ମାଟିର ମହାନ ସଂଗ୍ରାମୀ ମାନଙ୍କର ସ୍ମୃତି ରକ୍ଷାସହିତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଂଗ୍ରାମୀ ପ୍ରଧାନ ଙ୍କୁ ସରକାର ପଦ୍ମ ଉପାଧିରେ ଭୂଷିତ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ସଂଯୋଜକ କବି ତଥା ଗାଳ୍ପିକ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ସଂଗ୍ରାମୀ ପ୍ରଧାନ ଙ୍କ ସଂଗ୍ରାମୀ ଜୀବନ ଓ ଦୈନନ୍ଦିନ ଜୀବନ ଉପରେ ଆଲୋଚନା କରି ସଂଗ୍ରାମୀ ପ୍ରଧାନଙ୍କୁ ଜଣେ କର୍ମଯୋଗୀ, ଜ୍ଞାନଯୋଗୀ ଓ ଭକ୍ତିମାର୍ଗୀ ବୋଲି ଅଭିହିତ କରିଥିଲେ। ଅଭିନ୍ନ କୁମାର ପ୍ରଧାନ, ଦେବେନ୍ଦ୍ର ବାରିକ, ନନ୍ଦ କିଶୋର ପ୍ରଧାନ, ରଞ୍ଜନ ସାହୁ ସହାୟତା କରିଥିବା ବେଳେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦାଶରଥି ଜେନା, ଶିକ୍ଷକ ଭୀମସେନ ସାମଲ, ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ ହରିହର ନାଏକ, ସୁଧାକର ବେହେରା, ସୁଧାକର ପ୍ରଧାନ, ସାମ୍ବାଦିକ ରଞ୍ଜନ ମିଶ୍ର, ଭୂପେନ ଗଡନାୟକ, କଷ୍ଟୁ ସାମଲ, ଟୁନା ସାହୁ, ମହେଶ୍ୱର ନାଏକ, ପ୍ରମୁଖ ଉପସ୍ଥିତ ରହି ସ୍ମୃତି କମିଟିକୁ ପ୍ରେରଣା ଯୋଗାଇଥିଲେ।

## ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦଯାପିତ

**ତାଳଚେର, ୨୦।୨(ସମିସ):** ତାଳଚେର ସାଉଥ୍ ବଲଣ୍ଡା ସ୍ଥିତ ନୀଳକଣ୍ଠେଶ୍ୱର ଡିଗ୍ରୀ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନାର ୭ ଦିନିଆ ସ୍ୱତନ୍ତ୍ର ଶିବିର ଫେବୃଆରୀ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାଉଥ୍ ବଲଣ୍ଡା, ଗୁରୁଦ୍ୱାର, ଗୋବରା ଅଞ୍ଚଳରେ ସଚେତନତା ସୃଷ୍ଟି କରିଥିଲେ। ଅଧ୍ୟକ୍ଷ ଡ଼ ବଳଭଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅନୁଗୋଳ ଜିଲ୍ଲା ସେବା ଯୋଜନା ଅଧିକାରୀ ତଥା ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଶିତିକଣ୍ଠ ରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଛାତ୍ରୀ ପ୍ରତିଭା ପ୍ରିୟଦର୍ଶିନୀ ସାହୁ, ସର୍ବୋତ୍ତମ ସ୍ୱେଚ୍ଛାସେବୀ ଭାବରେ ପୁରସ୍କୃତ ହୋଇଥିଲେ। ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଡ଼ ମଧୁସ୍ମିତା ରାଉତରାୟ ଶିବିରକୁ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ସୁମନ୍ତ ମାଝୀ, ପ୍ରଦର୍ଶକ ମମତା ସାହୁ, ଦୁଃଶାସନ ସାହୁ, ଟିକେଶ୍ୱର ଶତପଥି, ରମେଶ ଜେନା, ଚଗଲା ପ୍ରଧାନ, ଅରୁଣ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କାରିଥିଲେ।

## ହଣ୍ଡପାରେ ଅଷ୍ଟପ୍ରହରୀ ନାମଯଜ୍ଞ

**କିଶୋରନଗର, ୨୦।୨(ସମିସ) :** କିଶୋରନଗର ବ୍ଲକ ହଣ୍ଡପା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୨ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା।

## ମା' ଭୈରବୀଙ୍କ ମହାଯଜ୍ଞ ଉପଲକ୍ଷେ କଳସ ଯାତ୍ରା

**କଣିହାଁ, ୨୦।୨(ସମିସ):** କଣିହାଁ ବ୍ଲକ ବିଜିଗୋଳସ୍ଥ ମା' ଭୈରବୀ ପୀଠରେ ଲାବଣ୍ୟବତୀ ମା' ଭୈରବୀଙ୍କ ୮୦ତମ ଆଶୀର୍ବାଦ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହା ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଚାଲିବ। ସୋମବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ବିଜିଗୋଳ ପୁରୁଣା ରାମମନ୍ଦିର ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ପୁରୋହିତଙ୍କ ପକ୍ଷରୁ ଯଥା ରିତିନୀତିରେ ପୂଜାର୍ଚ୍ଚନା କରାଯାଇ କଳସ ଯାତ୍ରା ଆରମ୍ଭ ହୋଇଥିଲା। ବିଜିଗୋଳ ଗ୍ରାମ ଓ ବାରଡାଙ୍ଗୁଆ ଗ୍ରାମ ଦେଇ ଏନ୍ଟିପିସି ପମ୍ପ ହାଉସସ୍ଥ ମା' ଭୈରବୀ ପୀଠ ପର୍ଯ୍ୟନ୍ତ ଏକ ବିରାଟ ପଟୁଆରରେ ଏହି ଶୋଭାଯାତ୍ରା ପହଞ୍ଚିଥିଲା। ଯଜ୍ଞସ୍ଥଳ ଚତୁଃପାଶ୍ୱରେ ପାଣିପୂର୍ଣ୍ଣ କଳସୀ ଗୁଡିକୁ ସ୍ଥାପନା କରାଯାଇଥିଲା। ପ୍ରତିବର୍ଷ ଭଳି ଆଜିଠାରୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ମା' ଭୈରବୀ ପିଠ ହୋମ, ଯଜ୍ଞ, ହରିନାମ, ଭଜନ ଓ ଗୀତା ପାଠ ଲାଗି ରହିବ। ଆସନ୍ତା ବୁଧବାର ଭଜନ ସଂଧ୍ୟା ସାସ୍କୃତିକ କାର୍ଯ୍ୟକ୍ରମ ରହିଥିବା ବେଳେ ଆସନ୍ତା ଗୁରୁବାର ମହାଯଜ୍ଞ ପୂର୍ଣ୍ଣାହୁତି ରହିଥିବା ଆଶ୍ରମ ସୂତ୍ରରୁ ପ୍ରକାଶ। ପ୍ରତିଦିନ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଆଶ୍ରମ ପକ୍ଷରୁ ସକାଳ, ମଧ୍ୟାହ୍ନ ଓ ସଂଧ୍ୟାରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି। ଭଜହରି ମହାନ୍ତି ସମେତ ଏକାତ୍ମା ସଂଘ ଓ ଲାବଣ୍ୟବତୀ ସେନାଗଣ ସହଯୋଗ କରୁଛନ୍ତି।

### ଡିସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ନାଲମ କ୍ରିକେଟ ଟିମ୍ ଚାମ୍ପିଅନ

**କଣିହାଁ, ୨୦।୨(ସମିସ):** କଣିହା ବ୍ଲକ ତାଳପଦା ପଞ୍ଚାୟତ ଦୁର୍ଗାପୁର ଖେଳ ପଡିଆରେ ଚାଲିଥିବା ତିନିଦିନିଆ ଡିସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ନାଲମ କ୍ରିକେଟ ଦଳ ଓ ବନବାସପୁର କ୍ରିକେଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରାବର ଲଢେଇକୁ ନେଇ ନାଲମ କ୍ରିକେଟ ଟିମ୍ ଚାମ୍ପିଅନ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଜପା ନେତା ଅଶୋକ ମହାନ୍ତି, ରେଙ୍ଗାଲି ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନ, ସରପଞ୍ଚ ରାଜେନ୍ଦ୍ର କୁମାର ବେହେରା, ସାମାଜିକ କର୍ମୀ ଶ୍ରବଣ କୁମାର ସାହୁ ପ୍ରମୁଖ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ବିଜେତା ନାଲମ ଟିମକୁ ୫୫୫୦ ହଜାର ଏବଂ ଉପବିଜେତା ବନବାସପୁର୍ ଟିମ୍ କୁ ୩୩୩୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର -ମନୋଜ ସାହୁ, ସୁନୀଲ ବେହେରା, ବବୁଲୁ ସାହୁ ଓ ଯଯାତି ବେହେରା ଖେଳ ପରିଚାଳନା କରିଥିଲେ। ଆୟୋଜକ ଟିମର ପଦ୍ମଲାଭ ନାଏକ, ଚିନୁ ବେହେରା, କୁଳମଣି ବେହେରା, କ୍ରିଷ୍ଣା ବେହେରା, କୀର୍ତ୍ତନ ବେହେରା, ରଷୁନା ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



## ପ୍ରଶାସନର ଦୃଷ୍ଟି ଆଢୁଆଳରେ କନ୍ଧକୋଇଲି

### ପକ୍କା ରାସ୍ତା ଲାଗି ଗ୍ରାମବାସୀଙ୍କ ଦାବି

**ଅନୁଗୋଳ, ୨୦।୨(ସମିସ):** ଅନୁଗୋଳ ବ୍ଲକର ଜଙ୍ଗଲ ଅଧ୍ୟୁଷିତ ମାଣିକଯୋଡ଼ି ପଞ୍ଚାୟତରୁ ସିଟିକୋଇଲି ଏବଂ କନ୍ଧକୋଇଲି ଦେଇ ଲେମ୍ବୁତଇଳା ପର୍ଯ୍ୟନ୍ତ ସବୁଦିନିଆ ପକ୍କାରାସ୍ତା ନିର୍ମାଣ ପାଇଁ ଆଦିବାସୀ ଅଧ୍ୟୁଷିତ ଉଭୟ ଗ୍ରାମ ଦୀର୍ଘ ୭/୮ ବର୍ଷ ଧରି ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରଶାସନର ଦୃଷ୍ଟିଗୋଚର ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି। ପାହାଡ଼ପର୍ବତ ଘେରା ଏହି ଗ୍ରାମ ଦ୍ୱୟ ସଦର ବ୍ଲକର ଦୁଇ ରାଜସ୍ୱ ଗ୍ରାମ। ରାଜତନ୍ତ୍ର ସମୟରୁ ଏହି ଗ୍ରାମ ଦ୍ୱୟର ଅବସ୍ଥିତି। ହାତୀ ସମେତ ବନ୍ୟଜନ୍ତୁଙ୍କ ବ୍ୟାପକ ପ୍ରଭାବ। ସିଟିକୋଇଲିରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ ବନ୍ଦ କରିଦେଇଛନ୍ତି। ଏଣୁ ବିଦ୍ୟାଳୟ ପାଇଁ ଜଙ୍ଗଲ ରାସ୍ତାରେ ଝରଣା ଡେଇଁ ତିନି କିଲୋମିଟର କୁନି କୁନି ପିଲାମାନଙ୍କୁ ଯିବାକୁ ହେଉଛି। ଏଣୁ ଗମନାଗମନର ସୁବିଧା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମିଳିତଭାବେ ଅତୀତରେ ଆନ୍ଦୋଳନ ମାଧ୍ୟମରେ ବାରମ୍ବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ତତ୍କାଳୀନ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ବୈଠକମାନ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ପକ୍କାରାସ୍ତା ତ ଦୂରର କଥା ଏବେ କେବଳ ନିମ୍ନମାନର ରାସ୍ତାର କେତେକ ଅଂଶ ମରାମତି ହେଉଛି। ଯାହାଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଣୁ ଆଜି ପୂର୍ବାହ୍ନରେ କନ୍ଧକୋଇଲି ଗ୍ରାମ୍ୟ କମିଟି ପକ୍ଷରୁ ସମ୍ପାଦକ ବିଜୟ ଦେହୁରୀ, ସଭାପତି ସୁରେଶ ଷଣ୍ଢ, କୁମୁଦ ପଧାନ, ନରେଶ ପଧାନ, ସୁଶାନ୍ତ ଭୋଇ ପ୍ରମୁଖ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ପକ୍କାରାସ୍ତା ପାଇଁ ଲିଖିତ ଭାବେ ପୁନର୍ବାର ଜଣାଇବା ସହ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କୁ ଡାକ ଯୋଗେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ପକ୍କା ରାସ୍ତା ନିର୍ମାଣ କରା ନଗଲେ ବାଧ୍ୟହୋଇ ଗ୍ରାମବାସୀ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି।

**ସିଟି ମଣ୍ଟେସୋରି**
ସିଦ୍ଧାର୍ଥ ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ଗଞ୍ଜାମ
**ନାମଲେଖା ବିଜ୍ଞାପନ (୨୦୨୪-୨୫)**
ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (ସେକ୍ସନ ପି-୯ ଆଇସି) ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ ଏସ୍‌ସି, ଏସ୍‌ଟି, ଏସିବିସି, ସିଡବ୍ଲୁଏସ୍‌ଏନ, ବିପିଏଲ (ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ସାମାଜିକ ଅନଗ୍ରସର / ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ। ଏହି ବର୍ଗର ଶିଶୁମାନେ ତା.୨୨.୦୨.୨୦୨୪ରିଖ ଠାରୁ ତା.୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.odisha.gov.in website ମାଧ୍ୟମରେ ଆବେଦନ କରିପାରିବେ।
ସା/- ପ୍ରଧାନଆଚାର୍ଯ୍ୟା



## ତେଣ୍ଟେଇକୁଦରେ ନାଟକ ଉତ୍ସବ



**କୁଜଙ୍ଗ,୨୦।୨(ସମିସ):** କୁଜଙ୍ଗ ବ୍ଲକ ମଲ୍ଲାସାହି ପଞ୍ଚାୟତର ତେଣ୍ଟେଇକୁଦଠାରେ ବାବା ବଟମହାପୁରୁଷ ଡ୍ରାମାଟିକ କ୍ଲବ ଦ୍ୱାରା ଶନିବାର ସନ୍ଧ୍ୟାରେ ଦ୍ୱିତୀୟ ବାର୍ଷିକ ଡ୍ରାମା ଉଦଯାପିତ ହୋଇଯାଇଛି । ଏହି ନାଟକ ଉତ୍ସବକୁ ମୁଖ୍ୟ ଅତିଥିଭାବେ ସିନିଅର ଆର ସି ଏମ ପାରାଦ୍ୱୀପ ପ୍ରୋଜେକ୍ଟ ଚିତ୍ତରଞ୍ଜନ ପାତ୍ର ଏବଂ ଅତିଥିଭାବେ ଆଇଓଏ ଭି ଏଲ ଫାଇନାସ ହେଡ୍ ଅଶ୍ୱିନୀ ପାତ୍ର, ଏଚ ଆର ଆଡମିନଷ୍ଟେସନ ହେଡ୍ ଆଇଓଏ ଭି ଏଲ ରିତେଶ ସାହୁ, ଆମ ଆଦମୀ ପାର୍ଟି ଜଗତସିଂହପୁର ଜିଲ୍ଲା ସଭାପତି ଓ ନାରୀଶକ୍ତି ଟ୍ରଷ୍ଟ ଅଧକ୍ଷା ସୁଶ୍ରୀ ଅନୁପମା ସେଠୀ,ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କେଶବ ଚରଣ ବେହେରା, ମନୋଜ କୁମାର ବେହେରା , ସରସ୍ୱତୀ ବିଦ୍ୟାମନ୍ଦିର କଟକର ପ୍ରଧାନଆଚାର୍ଯ୍ୟ ମନୋଜ ଦାଶ, କଂଗ୍ରେସ ନେତା ତଥା ମଲ୍ଲସାହି ଗ୍ରାମପଞ୍ଚାୟତ ସମିତି ସଭ୍ୟା ଙ୍କ ପ୍ରତିନିଧି ଅବିନାଶ ମଲ୍ଲିକ, ମଲ୍ଲାସାହି ଗ୍ରାମ ପଞ୍ଚାୟତ ସରପଞ୍ଚ ଧ୍ରୁବ ଚରଣ ନାୟକ, ତେଣ୍ଟେଇ କୁଦ ଗ୍ରାମ ମୁଖ୍ୟ ବାସୁଦେବ ମୁଦୁଲି, ଅତିଥିଭାବେ ଯୋଗ ଦେଇଥିଲେ । ଗ୍ରାମର କଳା, ସଂସ୍କୃତି ଓ ବିକାଶ କ୍ଷେତ୍ରରେ ଏହି ଯୁବକ ସଂଘପକ୍ଷରୁ କରାଯାଇଥିବା କାର୍ଯ୍ୟ କୁ ପ୍ରଶଂସା କରିଥିଲେ । ନାଟକ ଉତ୍ସବକୁ ଲିଟୁନା ଦାସ କ୍ଲବ ସଭାପତି,ବିଭୁତି ଭୂଷଣ ଦାସ, ସମ୍ବିତ ବେହେରା, ସର୍ବେଶ୍ୱର ମୁଦୁଲି କ୍ଲବ କୋଷାଧ୍ୟକ୍ଷ,ପ୍ରଦୀପ୍ତ ମୁଦୁଲି କ୍ଲବ ସମ୍ପାଦକ,ମନୋଜ କୁମାର ମୁଦୁଲି, ବଳରାମ ନାୟକ ପରିଚାଳନାରେ ମୁଖ୍ୟ ଭିମିକା ନିର୍ବାହ କରିଥିଲେ । ପରେ ଗ୍ରାମର ପିଲାମାନେ ନାଟକ ପରିବେଷଣ ଶହ ରଙ୍ଗା ରଙ୍ଗ ସାଂସ୍କୃତିକ ଚାର୍ଯ୍ୟକମ ହୋଇଥିଲା ।

## କବି ଗୋଲୋକବିହାରୀଙ୍କୁ ତିର୍ତ୍ତୋଲଶ୍ରୀ ସମ୍ମାନ




**ତିର୍ତ୍ତୋଲ, ୨୦।୨(ସମିସ):** ଝଙ୍କଡ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ତଥା ତିର୍ତ୍ତୋଲ ସମ୍ବାଦ ସାହିତ୍ୟ ଘର ସଭାପତି ଝଙ୍କଡ ରତ୍ନ ଗୋଲୋକ ବିହାରୀ ପଲାଇଙ୍କୁ ଏରସମା ବ୍ଲକ ସମ୍ବାଦ ସାହିତ୍ୟ ଘରର ଏକାଦଶତମ ବାର୍ଷିକୋତ୍ସବରେ ମର୍ଯ୍ୟାଦା ଜନକ ତିର୍ତ୍ତୋଲଶ୍ରୀ ସମ୍ମାନରେ ସମ୍ମାନରେ ସମ୍ମାନିତ କରାଯାଇଛି । ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ରଘୁନନ୍ଦନ ଦାସ, ସମ୍ମାନିତ ଅତିଥି ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର,ଅନୁଷ୍ଠାନର ସଭାପତି ମହେଶ୍ୱର ସ୍ୱାଇଁ, ସମ୍ପାଦକ ହୃଷିକେଶ ଜେନା, କୈଳାସ ଚନ୍ଦ୍ର ପ୍ରଧାନ, ପ୍ରଜ୍ଞା ଶିରମଣୀ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ.ସୁଧାକର ଦାସ, ରାଜ୍ୟ ସମ୍ବାଦଘର ସଂଯୋଜିକା ଶୁଭଶ୍ରୀ ଲେଙ୍କା, ଶିକ୍ଷାବିତ ବସନ୍ତ ମଞ୍ଜରୀ ଦାସ, ପ୍ରାଧ୍ୟାପକ ଜଗତମୋହନ ସାହୁ, ପଣ୍ଡିତ ନାଗୁଚରଣ ଦେବତା, ବସନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ଶ୍ରୀ ପଲାଇଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ପଲାଇ ଏକାଧାରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, କବି, ନାଟ୍ୟକାର ଓ ବାଗ୍ମୀ ଭାବେ ପରିଚିତ ।

## ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ବାଲିକୁଦା,୨୦।୨(ସମିସ):** ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଆଜି ବାଲିକୁଦା ଗସ୍ତରେ ଆସି ତିହୁଡ଼ି-ନହରଣା ଓ ଖାଙ୍କରପୁର-ସଠଳପୁର ରାସ୍ତାର ନବୀକରଣ ପାଇଁ ଭିର୍ତିପ୍ରସ୍ଥର,ବାଲିକୁଦା ତହସିଲ ନୂତନ କାର୍ଯ୍ୟାଳୟ ଗୃହର ଶୁଭ ଉଦଘାଟନ କରିଥିଲେ ।ତାଙ୍କ ସହିତ ବାଲିକୁଦା -ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁନନ୍ଦନ ଦାଶ, ଜଗତସିଂପୁର ସାଂସଦ ରାଜଶ୍ରୀ ମଲ୍ଲିକ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉଚ୍ଚ ଶିକ୍ଷା ବିଭାଗର ଉପଦେଷ୍ଟା ଶିଶିର ପରିଜା, ତନ୍ମୟ ସ୍ୱାଇଁ, ଜିଲ୍ଲା ବିଜେଡ଼ି ଉପଦେଷ୍ଟା ଜ୍ୟୋତି ରଂଜନ ଦାଶ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉରି , ଜିଲ୍ଲା ପରିଷଦ ସଦସ୍ୟ ଜଟାଧାରୀ ଦାସ, ତଟିନା ସ୍ୱାଇଁ,ଡଲି ପଣ୍ଡା, ରୁନିଲତା ବେହେରା, ଜିଲ୍ଲା ବିଜେଡ଼ି ସମ୍ପାଦକ ତାପସ ରଂଜନ ନାୟକ, ରାଜ୍ୟ ଛାତ୍ର ବିଜେଡ଼ି ସମ୍ପାଦକ ପ୍ରକାଶ ଚନ୍ଦ୍ର ଦଳାଇ, ବ୍ଲକ ଯୁବ ସଭାପତି ଶୁଭେନ୍ଦୁ ଦାଶ, ଛାତ୍ର ସଭାପତି ଆକାଶ ମହାନ୍ତି , କମଳା କାନ୍ତ ମହାପାତ୍ର,ଭାଗ୍ୟରବି ସ୍ୱାଇଁ, ଅବିନାଶ ମୁଦୁଲିଙ୍କ ସମେତ ଅନେକ ବିଜେଡି ଯୁବ/ଛାତ୍ର ନେତା ଯୋଗଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଘଡେଇ ଅରିଲୋ ଛକରେ ଥିବା ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ପରେ ୫୦୦ରୁ ଉର୍ଦ୍ଧ ବିଜେଡି କର୍ମୀମାନେ ଏକ ବାଇକ୍ ଶୋଭାଯାତ୍ରାରେ ତିହୁଡ଼ି ସ୍ଥିତ ହନୁମାନ ଛକ ପର୍ଯ୍ୟନ୍ତ ଯାଇଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲାର ସିକିମ୍ ସ୍ୱତ୍ୱଧାରୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ

# ୮ ତହସିଲର ୧୦୨୧ ହିତାଧିକାରୀଙ୍କୁ ମିଳିଲା ପଟ୍ଟା

**ଜଗତସିଂହପୁର,୨୦।୨(ସମିସ)**




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ରାଜ୍ୟର ସିକିମ ସ୍ୱତ୍ତ୍ୱଧାରୀ ଚାଷୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନର ଶୁଭାରମ୍ଭ କରିଛନ୍ତି । ଜନସାଧାରଣଙ୍କ ଇଚ୍ଛାକୁ ସମ୍ମାନ ଦେଇ ସେ ସବୁବେଳେ ସେମାନଙ୍କ ସୁବିଧା ନିମନ୍ତେ ଚେଷ୍ଟିତ ଓ ସେମାନଙ୍କ ଖୁସି ହିଁ ତାଙ୍କପାଇଁ ବଡ ପୁରସ୍କାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ପଟ୍ଟା ଦ୍ୱାରା ସିକିମଚାଷୀମାନେ ତାଙ୍କ ଦଖଲରେ ଥିବା ଜମି ଉପରେ ସ୍ଥାୟୀ, ବଂଶାନୁକ୍ରମିକ ଓ ହସ୍ତାନ୍ତର ଯୋଗ୍ୟ ଅଧିକାର ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଏହି ଅବସରରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସମସ୍ତ ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଜିଲ୍ଲା ସ୍ତରୀୟ ଏହି ପଟ୍ଟା ବିତରଣ ଅବସରରେ ସରକାରୀ ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏହି ନୂତନ ବ୍ୟବସ୍ଥାକୁ ପ୍ରଶଂସା କରି ରାଜ୍ୟର ହଜାର ହଜାର ଲୋକଙ୍କ ସହ ଜଗତସିଂହପୁର ଜିଲ୍ଲାର ୪୮୪୪ ଜଣ ସିକିମ ଚାଷୀଙ୍କୁ ମାଲିକାନା ସ୍ୱତ୍ତ୍ୱ ମିଳି ଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଜିଲ୍ଲାପାଳ ପାରୁଲ୍ ପଟ୍ଟୱାରିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜଗତସିଂହପୁର ତହସିଲର ରମେଶ ଚନ୍ଦ୍ର ନାୟକ ଓ କୁନ୍ତୀ ରାଉତ, ବାଲିକୁଦା ତହସିଲର ରବୀନ୍ଦ୍ର ଭୋଇ, କୁଜଙ୍ଗ ତହସିଲ୍ର ବିଷ୍ଣୁ ଚରଣ ସ୍ୱାଇଁ ଓ ତିର୍ତ୍ତୋଲ ତହସିଲ୍ର ଅମୂଲ୍ୟ ଚରଣ ସାହୁଙ୍କୁ ଉପସ୍ଥିତ ଅତିଥିମାନେ ପଟ୍ଟା ପ୍ରଦାନ କରିଥିଲେ । ଜଗତସିଂହପୁର ତହସିଲର ରମେଶ ଚନ୍ଦ୍ର ନାୟକ ନିଜର ଅଭିଜ୍ଞତା ଉପସ୍ଥାପନ କରିଥିଲେ ଯେଉଁଥିରେ ସେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ଙ୍କୁ କୃତଜ୍ଞତା ଜଣାଇଥିଲେ । ଜିଲ୍ଲାର ୮ ଟି ତହସିଲର ୧୦୨୧ ଜଣ ହିତାଧିକାରୀଙ୍କୁ ଆଜି ଏହି ପଟ୍ଟା ପ୍ରଦାନ କରାଯାଇଛି । ଏଥି ମଧ୍ୟରେ ବାଲିକୁଦାର ୧୩୩, ବିରିଡ଼ି ୫୬, ଏରସମା ୧୫୬, ଜଗତସିଂହପୁର ୧୦୯, କୁଜଙ୍ଗର ୧୩୩, ନାଉଗାଁ ୨୦୫, ରଘୁନାଥପୁର ୧୧୮, ତିର୍ତ୍ତୋଲର ୧୧୧ ଜଣ ଚାଷୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି । ଜିଲ୍ଲାର ଅନ୍ୟୁନ ୪୮୪୪ ଜଣ ଚାଷୀ ଏହି ବ୍ୟବସ୍ଥାରେ ଉପକୃତ ହୋଇଛନ୍ତି ।

ଜିଲ୍ଲାରେ ଏହି ପଟ୍ଟା ପ୍ରଦାନ ସମାରୋହରେ ଜଗତ୍ସିଂହପୁର ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ବାଲିକୁଦା ଏରସମା ବିଧାୟକ ରଘୁନନ୍ଦନ ଦାସ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସମସ୍ତ ବିଡିଓ, ୮ଟି ତହସିଲର ତହସିଲଦାର, ୩୦୦୦ରୁ ଅଧିକ ହିତାଧିକାରୀ ଉପସ୍ଥିତ ଥିଲେ ।

### ଘରେ ପଶି ଦୁର୍ବୃତ୍ତଙ୍କ ଆକ୍ରମଣ

## ମା' ମୃତ, ପୁଅ-ବୋହୂ ଗୁରୁତର

**ବାଲିକୁଦା,୨୦।୨(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ କାଳିଓ ପଞ୍ଚାୟତ ଓଗରପୁର ଗ୍ରାମରେ ବିଳମ୍ବିତ ରାତିରେ ସ୍ୱର୍ଗତ ଅରୁ ବିଶ୍ୱାଳଙ୍କ ଘରେ ପଶି କିଛି ଦୁର୍ବୃତ୍ତ ସ୍ୱର୍ଗତ ବିଶ୍ୱାଳଙ୍କ ପତ୍ନୀ ମାନିଆ ବିଶ୍ୱାଳ(୪୫)ଙ୍କ ସହ ପୁଅ ରାକେଶ ଓ ବୋହୂ ଶୁଭଶ୍ରୀଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ମାନିଆଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ, ବୋହୁ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ଜଣାଯାଇଛି ।ଏହି ଘଟଣାରେ ମୃତକ ମାନିଆ ବିଶ୍ୱାଳଙ୍କ ଭାଇ ପ୍ରମୋଦ କୁମାର ରାଉତରାୟ ଙ୍କ ଅଭିଯୋଗକ୍ରମେ ପୁଲିସ ୬୪ /୨୪ ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି । ଶେଷ ସମ୍ବାଦ ସୁଦ୍ଧା ୫ ଜଣଙ୍କୁ ପୁଲିସ ଅଟକ ରଖି ପଚରା ଉଚରା କରୁଛି ।

ଏହି ଘଟଣାରେ ପୁଅର ମାମୁଁ ପ୍ରମୋଦ ରାଉତରାୟଙ୍କ ଅଭିଯୋଗ ଅନୁଯାୟୀ ଗତ କାଲି ମାନିଆ ଓ ପୁଅ, ବୋହୂ ଘରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ କବାଟ ବାଡେଇ ଥିଲେ । ମାନିଆ କବାଟ ଖୋଲିବା ମାତ୍ରେ ଦୁର୍ବୃତ୍ତମାନେ କଟୁରିରେ ତାଙ୍କୁ ଆକ୍ରମଣ କରିଥିଲେ । ମାନିଆଙ୍କ ଚିତ୍କାର ଶୁଣି ପୁଅ ବୋହୂ ଆସିବା ପରେ ସେମାନଙ୍କୁ ମଧ ଦୁର୍ବୃତ୍ତ ଆକ୍ରମଣ କରିଥିଲେ । ଏହି ସମୟରେ ନିଜ ଜୀବନ ବଞ୍ଚାଇବା ପାଇଁ ପୁଅ ବିକଳରେ ଚିତ୍କାର କରିବା ସହ ଘରଠାରୁ ପ୍ରାୟ ୨୦୦ ମିଟର ଗ୍ରାମର ଏକ ପରିବାରର ଗ୍ରିଲ ବାଡେଇ ଥିଲେ । ଉକ୍ତ ପରିବାରର ଲୋକେ କବାଟ ଖୋଲିବା ପରେ ରାକେଶ ରକ୍ତ ଜୁଡୁବୁଡୁ ଅବସ୍ଥାରେ କିଛି କହିବାକୁ ଉଦ୍ୟମ କରୁଥିବା ବେଳେ ବେହୋସ ହୋଇଯାଇଥିଲା । ପରେ ଉକ୍ତ ପରିବାର ଲୋକେ ନିଜ କାରରେ ପ୍ରଥମେ ରାକେଶକୁ ବସାଇବା ପରେ ରାକେଶର ଘର ଆଡକୁ କିଛି ଲୋକଙ୍କୁ ଡାକି ନେଇ ଦେଖିବା ବେଳକୁ ମାନିଆଙ୍କ ମୃତ ଶରୀର ଘରେ ପଡି ରହିଥିବା ବେଳେ ବୋହୂ ଟିକିନା ଯନ୍ତ୍ରଣାରେ ଛଟପଟ ହେଉଥିଲା ।ତେଣୁ ଟିକିନା ସମେତ ରାକେଶଙ୍କୁ କାର ଯୋଗେ ପ୍ରଥମେ ବାଲିକୁଦା ମେଡିକାଲ ନେଇଥିଲେ । ସେଠାରେ ଡାକ୍ତର ଗୁରୁତର ଦର୍ଶାଇ ଜଗତସିଂହପୁର ମେଡିକାଲ ସ୍ଥାନାନ୍ତରିତ କରିଥିଲେ । ଉଭୟଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଥିଲା । ଏପଟେ ବାଲିକୁଦା ପୁଲିସ ସୂଚନା ପାଇବା ପରେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦେଇ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଆକ୍ରମଣରେ ରାକେଶର ଡାହାଣ ହାତ ,ମୁଣ୍ଡ ପିଠିରେ ଗଭୀର ଆଘାତ ଲାଗିଥିବା ବେଳେ ବୋହୂ ଟିକିନାର ଡାହାଣ ହାତ ଅଙ୍ଗୁଳି ଗୋଟିଏ କଟିଯିବା ସହ ହାତର ଅଧାରୁ ଅଧିକ ଭାଗ କଟିଯାଇଛି ।

ଏସପି ରାହୁଲ ପିଆର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ସ୍ଥାନୀୟ ଲୋକ ଓ ବନ୍ଧୁ ପରିବାରବର୍ଗ ସହ ଆଲୋଚନା କରି ପୂର୍ବ ଶତ୍ରୁତା ସମ୍ପର୍କରେ ପଚାରି ବୁଝିଥିଲେ । ଏପଟେ ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ନିଜର ପତିକ୍ରିୟାରେ କହିଛନ୍ତି ବିଭିନ୍ନ ଦିଗରୁ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏପର୍ଯ୍ୟନ୍ତ ଏହି ସମୟରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ପାରିନାହିଁ।ସନ୍ଧାନୀ କୁକୁରର ସହାୟତା ନିଆଯାଇ ଥିବା ବେଳେ କୁକୁରଟି କେବଳ ଗୋଟିଏ ସ୍ଥାନକୁ ଯାଇ ବସି ରହିବା କାରଣରୁ ହତ୍ୟାକାରୀ ନିକଟରେ ପହଞ୍ଚିବା ବେଶ କଷ୍ଟକର ହୋଇପଡିଛି । ସନ୍ଧ୍ୟା ସମୟରେ ଶବ ବ୍ୟବଚ୍ଛେଦ୍ ହୋଇ ଗ୍ରାମ ଘରକୁ ଆସିଥିବା ବେଳେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି । କେଉଁ କାରଣରୁ ଏହି ଘଟଣା ଘଟିଛି ବୋଲି ଜଣାପଡ଼ିନଥିଲେ ସୁଦ୍ଧା ଏ ନେଇ ବିଭିନ୍ନ କଥା ଶୁଣିବାକୁ ମିଳୁଛି ।

## ଏରସମାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ

**ଏରସମା,୨୦।୨(ସମିସ):** ଏରସମା ବ୍ଲକରେ ଆଜି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡାଇଙ୍କ ଦ୍ୱାରା ମାରାଥନ ଶିଳାନ୍ୟାସ ଓ ଲୋକାର୍ପଣ କରାଯାଇଛି । ସକାଳ ୯ ଘଟିକାରେ ବାଲିକୁଦା ବ୍ଲକରେ କାର୍ଯ୍ୟକ୍ରମ ସାରି ମନ୍ତ୍ରୀ ଶ୍ରୀ ଘଡାଇ ଏରସମା ବ୍ଲକରେ ପହଞ୍ଚିଥିଲେ । ତାଙ୍କୁ ସୋମପୁର ବଜାରଠାରୁ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥ ସାରଥି ରାଉତଙ୍କ ନେତୃତ୍ୱରେ ଯୁବ ବିଜେଡ଼ି କର୍ମୀମାନେ ବାଇକ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ । ପ୍ରଥମେ ସୋମପୁର ପଞ୍ଚପଲ୍ଲୀ ରାସ୍ତାର ବରକୋଳିଅଣ୍ଡା ଠାରେ ନୂଆନଇ ଉପରେ ନିର୍ମାଣ ସରିଥିବା ବିଜୁସେତୁକୁ ଲୋକାର୍ପଣ କରିଥିଲେ । ପରେ କୃଷ୍ଣଚନ୍ଦ୍ରପୁର କଲେଜର ନୂତନ ଗୃହକୁ ଲୋକାର୍ପଣ କରିଥିଲେ । ଶେଷରେ ଏରସମା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏରସମା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ବାହ୍ୟ ବିଭାଗ ଗୃହର ଶିଳାନ୍ୟାସ କରିଥିଲେ । ସେହିଭଳି କିଆଦାଠାରୁ କାଙ୍କଣ ଭାୟା ସାହାଙ୍ଗା ରାସ୍ତା, ଖୁରାଣ୍ଟଠାରୁ ନୁଆରତନପୁର ଭାୟା କାଳିକୁଦ ରାସ୍ତା, ପାଇକସାହି ମୀର୍ଜପୁର୍ ଧଳିପଙ୍କ ରାସ୍ତା, କାଳିଆକଣ କିମିଲ ରାସ୍ତାର ଶିଳାନ୍ୟାସ କରିଥିଲେ । ମନ୍ତ୍ରୀଙ୍କ ସହିତ ବିଧାୟକ ରଘୁନନ୍ଦନ ଦାସ, ସାଂସଦ ରାଜଶ୍ରୀ ମଲ୍ଲିକ, ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ତଥା ରାଜ୍ୟ କାଳିଆ ଯୋଜନା ଉପଦେଷ୍ଟା ଶାରଦା ପ୍ରସନ୍ନ ଜେନା, ରାଜ୍ୟ ଗଣଶିକ୍ଷା ବିଭାଗ ଉପଦେଷ୍ଟା ଶିଶିର ପରିଜା ଉଚ୍ଚଶିକ୍ଷା ବିଭାଗ ଉପଦେଷ୍ଟା ତନ୍ମୟ ସ୍ୱାଇଁ, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ରାଣୀ ଟୁଡୁ, ଜିଲ୍ଲା ଉପ ସଭାପତି ବୈଦ୍ୟନାଥ ବିଶ୍ୱାଳ, ଉପାଧ୍ୟକ୍ଷ ବିକାଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।



## ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କୁ ଅବସରପ୍ରାପ୍ତ କର୍ମଚାରୀଙ୍କ ପକ୍ଷରୁ ସ୍ମରଣିକା ପ୍ରଦାନ

**ପାରାଦୀପ,୨୦।୨(ସମିସ):** ପାରାଦୀପ ବନ୍ଦର ଅବସରପ୍ରାପ୍ତ କର୍ମଚାରୀ କ୍ଲବ୍ର ୨୦ବର୍ଷ ପୂର୍ତ୍ତି ଅବସରରେ ପାରାଦୀପ ବନ୍ଦରର ୬୨ ବର୍ଷର ଇତିହାସ କୁ ଆଧାର କରି ଏକ ସୁଦୃଶ୍ୟ ସ୍ମରଣିକା "ପାରାଦୀପ ପୋର୍ଟ ୧୯୬୨-୨୦୨୪'ରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି । ଏହି ଅବସରରେ ବନ୍ଦରର ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା ଓ ଅନ୍ୟ ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ଏକ ସୌଜନ୍ୟମୂଳକ ସାକ୍ଷାତରେ ଭୁବନେଶ୍ୱର ସ୍ଥିତ ପାରାଦୀପ ବନ୍ଦର ଅବସରପ୍ରାପ୍ତ କର୍ମଚାରୀ କ୍ଲବର ସଭାପତି କ୍ୟାପଟେନ ଉମେଶ ଚନ୍ଦ୍ର ପଟ୍ଟନାୟକ, ବନ୍ଦରର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଦିବାକର ମହାପାତ୍ର ଓ କ୍ଲବର ସମ୍ପାଦକ ବସନ୍ତ ନାୟକ ପ୍ରମୁଖ ବନ୍ଦର ଅଧ୍ୟକ୍ଷ ହରନାଦଙ୍କୁ ଭେଟି ଏହି ଦୁର୍ଲ୍ଲଭ ସ୍ମରଣିକା ପ୍ରଦାନ କରିଥିଲେ । ଏହି ସ୍ମରଣିକାରେ ପାରାଦୀପ ବନ୍ଦରର ଅତୀତ ଇତିହାସ, ଜୀବନ, ସାହିତ୍ୟ, ସଂସ୍କୃତି, ପ୍ରଶାସନିକ ବ୍ୟବସ୍ଥା ଓ ସାମ୍ପ୍ରତିକ ସମୟର ଅର୍ଥନୈତିକ ଅଭିବୃଦ୍ଧି, ଶିଳ୍ପାୟନ ଏବଂ ସହରୀକରଣ ଆଦି ବହୁବିଧ ବିଷୟ ଉପସ୍ଥାପିତ ହୋଇଛି । ଏଥିରେ ପଚାଶରୁ ଊର୍ଦ୍ଧ୍ୱ ସୁଚିନ୍ତିତ ଲେଖା, ପରିସଂଖ୍ୟାନ ଏବଂ ନକ୍ସା ସହିତ ଏକଶହରୁ ଊର୍ଦ୍ଧ ଦୁର୍ଲଭ ଫଟୋଚିତ୍ର ରହିଛି । ତେବେ ଏହି ସ୍ମରଣିକାଟି ନିଶ୍ଚିତ ଜନାଦୃତ ହେବା ସହ ଦେଶର ତଥା ଓଡ଼ିଶାର ଆଧୁନିକ ଇତିହାସରେ ପାରାଦୀପ ବନ୍ଦରର ସ୍ଥାନ ସମ୍ପର୍କିତ ଏହା ଏକ ଉଲ୍ଲେଖନୀୟ ଦସ୍ତାବିଜ ହୋଇ ରହିବ ବୋଲି ବନ୍ଦରାଧ୍ୟକ୍ଷ ହରନାଦ ପ୍ରକାଶ କରିବା ସହ ଅବସରପ୍ରାପ୍ତ କର୍ମଚାରୀଙ୍କ ଏପରି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ସୂଚନାଥାଉକି ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଏହି ସ୍ମରଣିକା ଲୋକାର୍ପିତ କରିଥିଲେ ।



### ନିର୍ଯାତନା ଦେଉଛି ପୁଅ

## ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କୁ ଭେଟିଲେ ବାପା

**ଜଗତସିଂହପୁର,୨୦।୨(ସମିସ):** ବାପ ମା ସେହି ପୁଅଦ୍ୱାରା ନିର୍ଯାତିତ ହେବା ଘଟଣା ସମାଜରେ ବହୁଳ ଭାବରେ ଘଟି ଚାଲିଛି । ଏମିତି ଏକ ଘଟଣା ବାଲିକୁଦା ବ୍ଲକ ତିତିରା ପଞ୍ଚାୟତ ଅଧୀନ ଓରଡାଙ୍ଗ ଗ୍ରାମରେ ଦେଖିବାକୁ ମିଳିଛି । ଗ୍ରାମର ଫକିର ପଢିଆରୀ (୭୫) ଆଜକୁ ପ୍ରାୟ ୧୦ ବର୍ଷ ହେବ ନିଜ ପୁଅ ଦ୍ୱାରା ନିର୍ଯାତିତ ହୋଇ ଆସୁଥିବା ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଫକୀରଙ୍କୁ ଦୀର୍ଘ ୧୦ ବର୍ଷ ହେବ ତାଙ୍କ ପୁଅ ପଚାରୁନାହିଁ । ୫୦ ଗୁଣ୍ଠ ଜମିରୁ ମିଳୁଥିବା ଫସଲ ଖାଉଥିଲେ ମଧ୍ୟ ବାପକୁ ଖୁଆଇବା ପାଇଁ ମୁଠେ ଦେଉ ନାହିଁ। ପ୍ରତି ମାସରେ ମିଳୁଥିବା ଭତ୍ତା ଟଙ୍କାକୁ ଜୋର ଜବରଦସ୍ତି ଛଡାଇ ନେଉଛି । ଭିକ ମାଗି ଫକୀର ଯାହା ଆଣନ୍ତି ସେତକ ତାଙ୍କ ପାଇଁ ଝିଅ ରୋଷେଇ କରିଦିଏ । ଏଥିରେ ପୁଅ ଉତ୍ତ୍ୟକ୍ତ ହୋଇ ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ ପ୍ରତିବାଦ କଲେ ମାଡ଼ ମାରୁଛି । ଏପରିକି ଘରୁ ବାହାରି ଯିବାକୁ ଧମକ ଦେଉଛି । ଫକୀର ରହୁଥିବା ଘରୁ ବିଦ୍ୟୁତ ସଂଯୋଗ କାଟିଦେବା ଦ୍ୱାରା ଅନ୍ଧାରରେ ତାଙ୍କୁ ରହିବାକୁ ପଡୁଛି । ଏ ସମ୍ପର୍କରେ ପଞ୍ଚାୟତ ବସି ବିବାଦକୁ ଆପୋଷ ସମାଧାନ କରିଥିଲେ ମଧ୍ୟ ଫକୀରଙ୍କ ପୁଅ ଏହାକୁ ମାନୁ ନଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ନ୍ୟାୟ ପାଇବା ଆଶାରେ ଫକୀର ତାଙ୍କ ଝିଅ ସହିତ ଆଶୀର୍ବାଦ ସେବା ସଂଗଠନ ସଭାପତି ଜଗନ୍ନାଥ ବେହେରାଙ୍କ ସହଯୋଗରେ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

# ୨୫ଟି ଅଭିଯୋଗର ତତ୍କାଳ ଫଇସଲା

**ଜଗତସିଂହପୁର,୨୦।୨(ସମିସ)**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟାୱରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏଥିରେ ମୋଟ ୧୦୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ୧୦୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ, ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧୩ ଟି, ଆବାସ ଯୋଜନା ସମ୍ପର୍କୀୟ ୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୮ ଟି, ଭତ୍ତା ପାଇବା ପାଇଁ ୧୦ଟି, ପୁଲିସ ସହାୟତା ପାଇବା ପାଇଁ ୫ଟି,ରେଡ୍କ୍ରସ ପାଣ୍ଠିରୁ ସହାୟତା ପାଇବା ପାଇଁ ୨ ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇବା ପାଇଁ ୨ ଟି ଏବଂ ଅନ୍ୟାନ୍ୟ ୨୪ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୨୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା ।



ରାଜ୍ୟ ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ଏ ଟି ସିରିଜ ଉଠାଣରେ ଜଗତସିଂହପୁର ଜିଲ୍ଲା ପାରାଦୀପର ବିଜୟ ବରାଳ ପ୍ରଥମ ପୁରସ୍କାର ଲାଭ କରିଛନ୍ତି । ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅବସରରେ ଜିଲ୍ଲାପାଳ ଶ୍ରୀମତୀ ପଟାୱରୀ ଶ୍ରୀ ବରାଳଙ୍କୁ ପୁରସ୍କାର ରାଶି ୫ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଞ୍ଜନ ଦାସ ଉପସ୍ଥିତ ଥିଲେ ।ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ପି ଆର୍, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ,ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର ତାରିଣୀ ରଞ୍ଜନ ରାୟ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ବାପ ଓ ପୁଅଙ୍କୁ ଶ୍ରଦ୍ଧାଞ୍ଜଳି

**ଜଗତସିଂହପୁର,୨୦।୨(ସମିସ):** ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ଦାୟଦ ପରିଷଦ ଜଗତସିଂହପୁର ଆନୁକୁଲ୍ୟରେ ସ୍ଥାନୀୟ ବଡବଜାର ସ୍ଥିତ ଶିଶୁ ଆଶ୍ରମ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ୫୨ ତମ ଓ ସଂଗ୍ରାମୀ ଶଶିଭୂଷଣ ଦାସଙ୍କ ୧୩ ତମ ବାର୍ଷିକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଂପାଦକ ଉତ୍କଳ ରଂଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନଟବର ବାରିକ ମୁଖ୍ୟ ଅତିଥି, ଅଧ୍ୟାପକ ନିରଂଜନ ବିଶ୍ୱାଳ ମୁଖ୍ୟବକ୍ତା ଓ ସମ୍ମାନନୀୟ ଅତିଥି ଭାବରେ ବିରିଡି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ ରଂଜନ ଦାଶ ଓ କୃଷି ବିସାରଦ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଉଭୟ ସଂଗ୍ରାମୀ ବାପ ଓ ପୁଅଙ୍କର ଉତ୍ସର୍ଗୀକୃତ ଦେଶପ୍ରେମ, ବହୁ ଚର୍ଚ୍ଚିତ ବଳିଦାନ ଓ ନିରାଡମ୍ବର ଜୀବନଶୈଳୀ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଆଶ୍ରମର ପରିଚାଳକ ଅଞ୍ଜନେୟ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମନୋସ୍ୱିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



ଦିନକ ପରେ ଯୋରନ୍ଦା ମେଳା

ପହଞ୍ଚିଲେଣି ଅନ୍ୟ ରାଜ୍ୟର ସାଧୁସନ୍ଥ

# ୫ ଲକ୍ଷ ଭକ୍ତଙ୍କ ସମାଗମ ସମ୍ଭାବନା

ଗଁଦିଆ, ୨୦।୨ (ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଅନ୍ତର୍ଗତ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମା ଗାଦୀରେ ଗୁରୁବାରଠାରୁ ପ୍ରସିଦ୍ଧ ଯୋରନ୍ଦା ମେଳା ଅନୁଷ୍ଠିତ ହେଉଛି। ଏହି ମେଳାରେ ୫ଲକ୍ଷ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା ଆଉ ଗୋଟେ ଦିନ ବାକି ଅଛି। ମହିମା ଧର୍ମର ସାଧୁ, ଭକ୍ତ, ସ୍ଥାନୀୟ ବାସିନ୍ଦା ଓ ଉଠା ଦୋକାନୀଙ୍କ ସମାଗମରେ ମହିମାଗାଦି ଚଳଚଞ୍ଚଳ ହୋଇଉଠିଛି। ଚଳିତବର୍ଷ ଭଲ ଫସଲ ହୋଇଥିବାରୁ ଓ ସନ୍ନ୍ୟାସୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ ବାତାବରଣ ଥିବାରୁ ମେଳା ଶାନ୍ତିଶୃଙ୍ଖଳାର ସହ ହେବ ବୋଲି ଆଶା କରାଯାଉଛି। ପ୍ରାୟ ୫ଲକ୍ଷ ଭକ୍ତ ଓ ଯାତ୍ରୀଙ୍କ ସମାଗମ ହେବ ବୋଲି ଅନୁମାନ କରାଯାଉଛି। ଓଡ଼ିଶାର ନିଜସ୍ୱ ଧର୍ମ ଆଦିପାଠୀ ମହିମାଗାଦି ଯୋରନ୍ଦାର ମହିମା ସ୍ୱାମୀ ନିଜର ଲୀଳାଖେଳା ସମ୍ବରଣ କରି ଏହି ପୀଠକୁ ସମଗ୍ର ବିଶ୍ୱ ଦରବାରରେ ପରିଚିତ କରି ପାରିଛନ୍ତି। ୧୮୭୬ ମସିହାରେ ମହିମାସ୍ୱାମୀଙ୍କ ମହାପ୍ରୟାଣ ପରଠାରୁ ପ୍ରତିବର୍ଷ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଯୋରନ୍ଦା ମେଳା ହୁଏ। ମହିମାସ୍ୱାମୀ ମାନେ ଯୋରନ୍ଦା ମେଳାରେ ଗୁରୁଗାଦି ମହିମାଗାଦି କୁ ଆସି ଶୂନ୍ୟ ପ୍ରଭୁଙ୍କୁ ଆରାଧାନ



କରି ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଘୃତାହୂତି ଦେବା ପାଇଁ ଅପେକ୍ଷା କରିଥାନ୍ତି। ମହିମା ଗାଦିରେ ଥିବା ଉପାସନା ପୀଠ ଗାଦିମନ୍ଦିର, ଶୂନ୍ୟ ମନ୍ଦିର, ଧୂନିମନ୍ଦିର, ଏକୋଇଶହାତି ଟୁଙ୍ଗି ଓ ଅଖଣ୍ଡଜ୍ୟୋତିମନ୍ଦିର ଆଦିରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣମୀ ତିଥିରେ ବୃହତ ବୃହତ ଝାଡ ଦୀପରେଘୃତାହୃତି କରାଯାଏ। ଏକ ପବିତ୍ର ତିଥିରେ ଘୃତାହୃତି କଲେ ଅଶେଷ କୃପାଲାଭ ହୁଏ ବୋଲି ମହିମା ଧର୍ମାବଲମ୍ବୀମାନେ ବିଶ୍ୱାସ କରନ୍ତି। ୧୪୭ବର୍ଷ ଧରି ଏହି ମେଳା ମାନବଧର୍ମର ଏକ ମହୋତ୍ସବ ଭାବରେ ପ୍ରତିଭାତ ହେଉଛି। ଏହି ମେଳାକୁ ସୁନ୍ଦର କରିବା ପାଇଁ ଜିଲ୍ଲା ପ୍ରଶାସନ, ଯୋରନ୍ଦା ଗ୍ରାମପଞ୍ଚାୟତ ମହିମା ସନ୍ୟାସୀ, ଭକ୍ତ ଓ ସ୍ଥାନୀୟ ଜନସାଧାରଣ ଉଦ୍ୟମ ଅବ୍ୟାହତ ରଖିଛନ୍ତି ବୋଲି ଯୋରନ୍ଦା ପଞ୍ଚାୟତର ସରପଞ୍ଚ ଆରତୀ ନାୟକ କହିଛନ୍ତି। ପରିବ୍ରାଜକ ସନ୍ନ୍ୟାସୀମାନେ ନିଜ ନିଜ ଅଞ୍ଚଳରୁ ମହିମା ଗାଦିକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଦୂରଦୂରାନ୍ତରୁ ସନ୍ନ୍ୟାସୀମାନେ ମାସେ ହେଲା ଚାଲିଚାଲି ଆସି ମହିମା ଗାଦିରେ ପହଞ୍ଚିଲେଣି। ମହିମା ସମାଜ ପକ୍ଷରୁ ପ୍ରଭୁ ମହିମା ସ୍ୱାମୀଙ୍କ ଝାଡ଼ଜଳା ପାଇଁ ବୃହତ ଝାଡ଼ ସବୁ ପ୍ରସ୍ତୁତ ହୋଇ ରହିଛି। ଚଳିତ ବର୍ଷ ବହୁ ସଂଖ୍ୟାରେ ସାଧୁ ଓ ଶ୍ରଦ୍ଧାଳୁ ଯୋଗଦେବା ଆଶା କରାଯାଉଛି। ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ପଡୋଶୀ ବିହାର, ଝାଡ଼ଖଣ୍ଡ, ଆସାମ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରୁ ଭକ୍ତ, ଯାତ୍ରୀ ଓ ସନ୍ନ୍ୟାସୀମାନେ ଗୁରୁ ଗାଦିରେ ପହଞ୍ଚିବାରେ ଲାଗିଛନ୍ତି।

## ସ୍ୱର୍ଣ୍ଣପଦକ ବିଜେତାଙ୍କୁ ବିପୁଳ ସମ୍ବର୍ଦ୍ଧନା

କାମାକ୍ଷାନଗର, ୨୦।୨ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନଏସି ଅନ୍ତର୍ଗତ ବଡ଼ବନ୍ଧ ସାହିର ଶିକ୍ଷକ ନିରଞ୍ଜନ ସାହୁ ଓ ମାତା ଗୌରୀ ସାହୁଙ୍କ ପୁତ୍ର ସାଇଜ୍ୟୋତି ସାହୁ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ସାରା ରାଜ୍ୟରେ ଏମ ଫାର୍ମାର ଟପ୍ପର ହୋଇ ଓଡ଼ିଶାର ରାଜ୍ୟପାଳ ରଘୁବର ଦାଶଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମଙ୍ଗଳବାର କାମାକ୍ଷାନଗର ଏନଏସି ପକ୍ଷରୁ ଆୟୋଜିତ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ପାଳନ ଅବସରରେ ଏନଏସି ପକ୍ଷରୁ ତାଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି, କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ପୂର୍ବତନ ଉପନଗରପାଳ ଆଦିତ୍ୟ କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ପୂର୍ବରୁ ସାଇଜ୍ୟୋତିଙ୍କ ଯେଉଁ ଅଧ୍ୟୟନ କରିସାରିଥିବା କାନପୁରା ସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହା ବ୍ୟତୀତ ସାଇଜନସେବା କ୍ଲବ, ଭୂମିକା ନାଟ୍ୟଅନୁଷ୍ଠାନ, ଆଳତୁମା ଗ୍ରାମବାସୀ ସମେତ ବହୁ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ଠାରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସାଇଜ୍ୟୋତିଙ୍କ ଏହି ସଫଳତା ପଛରେ ଶିକ୍ଷକ ଶିକ୍ଷୟିତ୍ରୀ, ପିତା ମାତାଙ୍କ ଭୂମିକା ଓ ତାଙ୍କର କଠୋର ଅଧ୍ୟବସାୟକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଉତ୍ସବକୁ ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୋଷ୍ଠୀ ସଙ୍ଗଠିକା ସସ୍ମିତା ନାୟକ, ଅଭିଷେକ ଆଚାର୍ଯ୍ୟ, ସସ୍ମିତା ନାଥ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କୁକୁଡ଼ା ଚାଷ ପ୍ରଶିକ୍ଷଣ ଶିବିର

କାମାକ୍ଷାନଗର, ୨୦।୨ (ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ ବ୍ଲକରେ କୁକୁଡ଼ା ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଅଧ୍ୟୁଷିତ ତଥା ଉପାନ୍ତ ଅଞ୍ଚଳ ଭାବେ ପରିଚିତ କଙ୍କଡାହାଡ଼ ବ୍ଲକ ସଭାଗୃହରେ ୬ ଦିନିଆ କୁକୁଡ଼ା ଚାଷ ପ୍ରଶିକ୍ଷଣ ଶିବିର ଭାରତ ସରକାରଙ୍କ କେନ୍ଦ୍ରୀୟ କୁକ୍କୁଟ ଗବେଷଣା ବିକାଶ ସଂଗଠନ ଏବଂ ଜଗବନ୍ଧୁ ଜରାଶ୍ରମ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ପ୍ରଶିକ୍ଷଣ ଶିବିରରେ ଜଗବନ୍ଧୁ ଜରାଶ୍ରମର ସମ୍ପାଦକ ଆଶୁତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନୁସୂଚିତ ଜାତି ଓ ଜନଜାତିର ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରେକୃଷ୍ଣ ନାୟକ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ମିଶନ ଶକ୍ତି ଅନ୍ନପୂର୍ଣ୍ଣା ସାହୁ ଏବଂ ରାମେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆନ୍ତର୍ଜାତିକ ପର୍ବତାରୋହୀ ଏବଂ ରାଜ୍ୟ ପ୍ରକଳ୍ପ ସଂଯୋଜିକା ସୁଶ୍ରୀ ବିଭାରାଣୀ ପାତ୍ର ପରିଚାଳନା କରିଥିଲେ। ସମାଜସେବୀ ପ୍ରଦୀପ୍ତ କୁମାର ବେହେରା ସହାୟତା ପ୍ରଦାନ କରିଥିଲେ।

## ରାଜସ୍ୱ କର୍ମଚାରୀଙ୍କ ଆନ୍ଦୋଳନ



ମହାବିରୋଡ଼, ୨୦।୨ (ସମିସ): ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ତହସିଲ ସମ୍ମୁଖରେ ୬ ଦଫା ଦାବି ନେଇ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ତରଫରୁ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରିରହିଛି। ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଡାକରାରେ ସାରା ରାଜ୍ୟରେ ସମସ୍ତ ତହସିଲରେ ରାଜସ୍ୱ ପରିଦର୍ଶକ, ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ମାନେ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି କଙ୍କଡାହାଡ଼ ତହସିଲ ସମ୍ମୁଖରେ ସମସ୍ତ ରାଜସ୍ୱ ଅଧିକାରୀ, କର୍ମଚାରୀମାନେ ୬ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ବସିଛନ୍ତି। ଏହି ତହସିଲ ଅଧୀନରେ ୭ ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଦଶୀପୁର, ମହାବିରୋଡ଼, ବିରିବୋଲେଇ, କଣ୍ଟାପାଳ, ବାଟଗାଁ, କଙ୍କଡ଼ାହାଡ଼, ବିରାଶାଳର କର୍ମଚାରୀମାନେ ଯୋଗଦେଇଛନ୍ତି। ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଥିବାରୁ ଜମିଜମା, ଅନ୍ୟାନ୍ୟ ରାଜସ୍ୱ ସମ୍ବନ୍ଧିତ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଛି। ଏହି ଧାରଣାରେ ରାଜସ୍ୱ ପରିଦର୍ଶକ ସଞ୍ଜୟ ବରାଳ, ଦଶୀପୁର ଓ ମହାବିରୋଡ଼ ରାଜସ୍ୱ ନିରୀକ୍ଷକ ଶୀତଳ ଦେହୁରୀ, କଣ୍ଟାପାଳ ରାଜସ୍ୱ ନିରୀକ୍ଷକ ଚିରଞ୍ଜୀବୀ ବେହେରା, ଅଞ୍ଜଳି ଦେହୁରୀ, କଙ୍କଡାହାଡ଼ ରାଜସ୍ୱ ନିରୀକ୍ଷକ ସୁବ୍ରତ ପରିଡ଼ା, ବାଟଗାଁ ରାଜସ୍ୱ ନିରୀକ୍ଷକ ବିଭୁତି ଭୂଷଣ ସାହୁ, ଶିବ ରାମ ବାରିକ, ବିରାଶାଳ ରାଜସ୍ୱ ନିରୀକ୍ଷକ ତ୍ରିଲୋଚନ ପ୍ରଧାନ, ଅର୍ଚ୍ଚନା ସିଂହ, ବିରିବୋଲେଇ ରାଜସ୍ୱ ନିରୀକ୍ଷକ ସୁନୀଲ ନାୟକପ୍ରମୁଖ ସାମିଲ ରହିଛନ୍ତି।

## ବିଭିନ୍ନ ଦାବିରେ ରାଜସ୍ୱ ନିରୀକ୍ଷକଙ୍କ ଆନ୍ଦୋଳନ

ବଁଅରପାଳ, ୨୦।୨(ସମିସ): ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଙ୍ଘର ଆହ୍ୱାନକ୍ରମେ ଅନୁଗୋଳ ଜିଲ୍ଲା ଶାଖା ଆନୁକୂଲ୍ୟରେ ବଁଅରପାଳ ତହସିଲ କାର୍ଯ୍ୟାଳୟ ପରିସରରେ ବହୁ ଅବହେଳିତ ଓ ପ୍ରତୀକ୍ଷିତ ନ୍ୟାର୍ଯ୍ୟ ଅଣଆର୍ଥିକ ଦାବି ଓଡିଆରଏସ କ୍ୟାଡର ପୁନଃ ସଂରଚନା ନେଇ କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ପରିଦର୍ଶକ ଓ ରାଜସ୍ୱ ନିରୀକ୍ଷକମାନେ ଦାବିପୂରଣ ପର୍ଯ୍ୟନ୍ତ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି ସୂଚନା ଦେଇଛନ୍ତି। ରାଜସ୍ୱ ପରିଦର୍ଶକ ବ୍ରଜବନ୍ଧୁ ସାହୁ କାର୍ତ୍ତିକେୟ କୁମାର ସାହୁ ଓ ଜରକ୍ଷସିଂହା, ତୁରଙ୍ଗ, କୁରୁଡୋଲ, ତୁବେ, ବଳରାମପ୍ରସାଦ, କୁମଣ୍ଡ, ବଁଅରପାଳ ଓ ନୂଆହତାର ରାଜସ୍ୱ ନିରୀକ୍ଷକ ଇପ୍ସିତା ସାହୁ, ବିଦ୍ୟାଧର ମାଝୀ, ହରିହର ସେଠୀ, ସୁବୋଧ ଦାସ, ସନ୍ତୋଷ ବେହେରା, ଅଶୋକ କୁମାର ସାଥୁଆ, ସଂଗ୍ରାମ ସାହୁ ଓ ବିଶ୍ୱଜିତ ମୁହୁଲି ପ୍ରମୁଖ ଆନ୍ଦୋଳନରେ ଉପସ୍ଥିତ ଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

କାମାକ୍ଷାନଗର, ୨୦।୨ (ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଏନଏସି ଓ କାନପୁରା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା



ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଉଭୟ ସ୍ଥାନରେ ସଚେତନତା ଶିବିରକୁ ଉଦଘାଟନ କରିଥିଲେ। କାମାକ୍ଷାନଗର ଏନଏସି ସାରଙ୍ଗଧର ଷ୍ଟାଡିୟମର ପ୍ରେକ୍ଷାଳୟ ଠାରେ ଆୟୋଜିତ ସଚେତନତା ଶିବିରରେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ଉପାଧ୍ୟକ୍ଷା ଶକୁନ୍ତଳା ସେଠି ଓ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଏହି ଅବସରରେ ଏନଏସିରେ ଭରସା ଯୋଜନାରେ ୩୩ ଜଣ ନୂତନ ସାମାଜିକ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ତରଫରୁ ସହରାଞ୍ଚଳ ବିକାଶ କରଣ ଯୋଜନାରେ କାମାକ୍ଷାନଗର ଏନଏସିରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ସେହିପରି କାନପୁରା ପଞ୍ଚାୟତଠାରେ ଆୟୋଜିତ ସଚେତନତା ଶିବିରରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ଅବିନାଶ ପାଣ୍ଡିଆ, ଜିଲ୍ଲା ପରିଷଦ ସଦସ୍ୟ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କାନପୁରା ସରପଞ୍ଚ ସତ୍ୟଜିତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପଞ୍ଚାୟତରେ ୬୬ ଜଣ ନୂତନ ଭତ୍ତା ହିତାଧିକାରୀଙ୍କୁ ମନ୍ତ୍ରୀ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଥିଲେ। ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ହାଇସ୍କୁଲର ରୂପାନ୍ତରଣ, ନୂତନ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ୩୦ ଲକ୍ଷ ଟଙ୍କା ରାଜ୍ୟ ସରକାରଙ୍କ ତରଫରୁ ପ୍ରଦାନ କରାଯାଇଛ।

## କଣିହାଁ ବ୍ଲକରେ ୧୬୯୩ ଛାତ୍ରୀଛାତ୍ର ଦେଲେ ମାଟ୍ରିକ ପରୀକ୍ଷା

କଣିହାଁ, ୨୦।୨(ସମିସ): ମଙ୍ଗଳବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ କଣିହାଁ ବ୍ଲକର ୧୨ଟି ପରୀକ୍ଷା କେନ୍ଦ୍ରରେ ୧୬୯୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। କଣିହାଁ ପବିତ୍ର ମୋହନ ହାଇସ୍କୁଲ ନୋଡାଲ ସେଣ୍ଟର ହୋଇଥିବା ବେଳେ ଏହା ଅଧୀନରେ ବିଭିନ୍ନ ବିଦ୍ୟାଳୟର ୧୨ଟି କେନ୍ଦ୍ରରେ ପରୀକ୍ଷାକୁ ନେଇ ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କଲେଜର ଅଧ୍ୟାପକ ରାମକୃଷ୍ଣ ପରିଜା ପ୍ରମୁଖ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଶ୍ରୀଜଗନ୍ନାଥ ହାଇସ୍କୁଲ ବଡଗୁଣ୍ଡୁରି, ସରକାରୀ ହାଇସ୍କୁଲ ଡେରେଙ୍ଗ, କଣ୍ଟାପାଳ, ସମଲ, ଜନତା ହାଇସ୍କୁଲ ବଜ୍ରକୋଟ, ବରପଦା, କୁଲୁମା, ବିଜିଗୋଳ, ପବିତ୍ରନଗର, ଶରଧାପୁର, କୁଲାବିର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏହା ମଧ୍ୟରେ ବରପଦା ପଞ୍ଚାୟତ ହାଇସ୍କୁଲରେ ରାଜ୍ୟ ମୁକ୍ତ ବିଦ୍ୟାଳୟର ୯୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ କଣିହାଁ ପବିତ୍ର ମୋହନ ହାଇସ୍କୁଲରେ ରେଗୁଲାର, ଏକ୍ସ ରେଗୁଲାର ସହିତ କଳ୍ପତରୁ ଭୈରବୀ ପୀଠ ବିଦ୍ୟାଳୟର ୧୭ ଜଣ ଛାତ୍ରୀଛାତ୍ର ସଂସ୍କୃତ ମଧ୍ୟମା ପରୀକ୍ଷା ଦେଇଥିଲେ। ନୋଡାଲ ସେଣ୍ଟର ଭାରପ୍ରାପ୍ତ ଅଧିକାରୀ ଭୀମସେନ ସାମଲ ଏବଂ ସୁପରିଟେଣ୍ଡେଣ୍ଟ କଣିହାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦାସରଥୀ ଜେନା ପ୍ରଥମ ଦିବସ ପରୀକ୍ଷା ଶାନ୍ତିଶୃଙ୍ଖଳା ସହିତ ସମାପ୍ତ ହୋଇଥିବା ସୂଚନା ଦେଇଛନ୍ତି।

## ସିକିମ୍ ସ୍ୱତ୍ୱାଧାରୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ

ଅନୁଗୋଳ, ୨୦।୨(ସମିସ): ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆଜି ଆଭାସି ମାଧ୍ୟମରେ ସିକିମ୍ ସ୍ୱତ୍ୱାଧାରୀ ଭାବେ ରେକର୍ଡ ହୋଇଥିବା ଜମି ଦଖଲକାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାର ବଁଅରପାଳ, ଅନୁଗୋଳ ଓ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ୩୦୦ ଜଣ ସିକିମ୍ ସ୍ୱତ୍ତ୍ୱାଧାରୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଥମ ପର୍ଯ୍ୟାୟରେ ପ୍ରଦାନ କରାଯାଇଛି। ଜିଲ୍ଲାରେ ମୋଟ ୩୨୦୦ ଜଣ ସିକିମ୍ ସ୍ୱତ୍ୱାଧାରୀ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୩୦୦ ଜଣ ବଁଅରପାଳ, ଅନୁଗୋଳ ଓ ଛେଣ୍ଡିପଦା ତହସିଲର ଅଟନ୍ତି। ଓଡିଶା ଭୂ-ସଂସ୍କାର ଆଇନ୍ ୧୯୬୦ ର ଆବଶ୍ୟକୀୟସଂଶୋଧନ କରାଯାଇ ରାଜ୍ୟରେ ଥିବା ୨.୫୪ ଲକ୍ଷ ସିକିମ୍ ସ୍ୱତ୍ୱାଧାରୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ କରାଯିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ସମସ୍ୟାର ସମାଧାନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିରିକ୍ତ ଶାସନ ସଚିବ ସତ୍ୟଭୂଷଣ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ,



ଜିଲ୍ଲାପାଳ ମହମ୍ମଦ ଅଦାଲ ଅଖତାର, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲ୍ଲାପାଳ ବରଦ୍ୟୋନ୍ଦୁ ମହାନ୍ତି, ଅନୁଗୋଳ, ବଁଅରପାଳ ଓ ଛେଣ୍ଡିପଦା ତହସିଲଦାର, ରାଜସ୍ୱ ବିଭାଗର କର୍ମଚାରୀ, ହିତାଧିକାରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ତ୍ତ ରାସ୍ତାର ଦୋହରୀକରଣ ନିମନ୍ତେ ଭୂମିପୂଜା




କିଶୋରନଗର, ୨୦।୨(ସମିସ); ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୂଆଶୁଣୀନାଳି ଠାରୁ ଅଖରକଟା ପର୍ଯ୍ୟନ୍ତ ୬ କୋଟି ୬୫ ଲକ୍ଷ ବ୍ୟୟରେ ୪/୧୦୦ କିମି ପୂର୍ତ୍ତ ରାସ୍ତାର ଦୋହରିକରଣ ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଏହାର ଭୂମିପୂଜା କରିଛନ୍ତି। ଏଥିରେ ସ୍ଥାନୀୟ ଜନପ୍ରତିନିଧି ବହୁ ମାଣ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରକାଶ ଯେ, ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ କି ଏସଡିଓ ଯୋଗ ନଦେବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ରାସ୍ତାର ଉନ୍ନତିକରଣ ହେଲେ ଅଞ୍ଚଳବାସୀଙ୍କ ଗମନାଗମନରେ ସୁବିଧା ହେବ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ସେହିପରି ଠାକୁରଗଡ଼ଠାରୁ ଭାୟା ସଂଜାମୁରା ଦେଇ ରଣିଆକଟା ପର୍ଯ୍ୟନ୍ତ ୧୮ କିମି ରାସ୍ତାର ଦୋହରୀକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି ବୋଲି ବିଧାୟକ ପ୍ରକାଶ କରିଛନ୍ତି।

## ୧୮୧ ରାସନ କାର୍ଡଧାରୀଙ୍କୁ ସହାୟତା ରାଶି ପ୍ରଦାନ




କିଶୋରନଗର, ୨୦।୨(ସମିସ): କିଶୋରନଗର ବ୍ଲକ ହିମିତିରା ପଂଚାୟତର ଘୋଷର ଗ୍ରାମରେ ଆଜି ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ତରଫରୁ ୧୮୧ ଜଣ ରାସନକାର୍ଡ ଧାରୀଙ୍କୁ କାର୍ଡ଼ ପିଛା ୧୦୦୦ ଟଙ୍କା ପ୍ରୋତ୍ସାହନ ରାଶି ଆଜି ଯୋଗାଇ ଦେଇଛନ୍ତି। ଏଥିରେ ସରପଞ୍ଚ ସୁମିତ୍ରା ସେଠୀ, ପିଇଓ ଲିଲି ସେଠୀ, ଡିଲର ହୃଦାନନ୍ଦ ବାଘ ଯୋଗଦେଇ ଏହି ସହାୟତା ଅର୍ଥ ରାଶି ପ୍ରଦାନ କରିଥିଲେ।

## ମାଘ ଦଶମୀ ବାର୍ଷିକ ନାମଯଜ୍ଞ



ମହାବିରୋଡ଼, ୨୦।୨ (ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଝିଲି ପଞ୍ଚାୟତ ତୋରଡ଼ାନାଳି ଗ୍ରାମ ନୂଆ ସାହିଠାରେ ବାର୍ଷିକ ମାଘଦଶମୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ କର୍ତ୍ତା ଭାବରେ ଭିକାରୀ ସାହୁ ଏବଂ ତାଙ୍କ ଧର୍ମପତ୍ନୀ ସୀତା ସାହୁ କାର୍ଯ୍ୟ ନିର୍ବାହ କରିଥିଲେ। ସକାଳୁ କଳସ ଯାତ୍ରା ହୋଇଥିବା ବେଳେ ମଧ୍ୟାହ୍ନରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଆଖ ପାଖ ଦଶଟି ଗ୍ରାମର ପ୍ରାୟ ଦଶ ମଣ୍ଡଳୀ ନାମ ସଂକୀର୍ତ୍ତନ ଆସି ପ୍ରଭୁଙ୍କ ନାମ କରିଥିଲେ। ଏହି ମେଳାକୁ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଯୁବନେତା କାର୍ତ୍ତିକ ସାହୁ ଆସି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ନାମଯଜ୍ଞକୁ ତୋରଡ଼ାନାଳି ନୂଆ ସାହିର ସମସ୍ତ ଭକ୍ତ ସାହାଯ୍ୟ ସହଯୋଗ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ ଭିଏମସି ବୈଠକ

କଣିହାଁ, ୨୦।୨(ସମିସ): କଣିହାଁ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଏନଟିପିସିର ୨୦୨୩-୨୪ବର୍ଷ ଅଧ୍ୟକ୍ଷ କ୍ରିଷ୍ଣା କୁମାରଙ୍କ ଅଧ୍ୟକ୍ଷତାରେ ମ୍ୟାନେଜମେଣ୍ଟ କମିଟିର ଚେୟାରମ୍ୟାନ (ନୋମିନି ) ବ୍ରିଜ କିଶୋର ପାଣ୍ଡେ ଏଜିଏମ (ଏଚଆର ) ପି ଭୈରାମୁର୍ଥୀୟୁ ସିନିୟର ମ୍ୟାନେଜର (ଏମଟିପି ) ମଙ୍ଗଳବାର ୨୦୨୩-୨୪ ର ୨ ତମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଦସ୍ୟ ସୁଶାନ୍ତ କୁମାର ତ୍ରିପାଠୀ ପ୍ରଧାନ ଆଚାର୍ଯ୍ୟ ସରସ୍ୱତୀ ଶିଶୁମନ୍ଦିର ଏନଟିପିସି, ଏନଟିପିସି ଡିଏଭି ସ୍କୁଲର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବେତା, କଣିହାଁ ମହାବିଦ୍ୟାଳୟ +୩ର ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁ, ବିଦ୍ୟାଳୟର ଶିକ୍ଷକ କ୍ରିଷ୍ଣାନନ୍ଦ ଝା, ଏନଟିପିସି ପ୍ରୋଜେକ୍ଟର ଏସଭିଡି ଆର ଶଙ୍କର ମ୍ୟାନେଜର (ଏଚ ଆର), ଏସଆର ଚୌଧୁରି ସିନିୟର ମ୍ୟାନେଜର (ଇଏମଡି ), ଏନ ରାମସତ୍ୟମୁ ସିନିୟର ମ୍ୟାନେଜର (ସିଭିଲ ) ଶିଶୁ ଡାକ୍ତର ଘାସିରାମ କୁରା, ସଂସ୍କୃତି ବିଶାରଦ ବି କେ ତ୍ରିପାଠୀ, ବିଦ୍ୟାଳୟର ପାରିପାର୍ଶିକ ଉନ୍ନୟନର ଅଧ୍ୟକ୍ଷ ଓ ଅଭିବାବକ ମହେଶ୍ୱର ନାଏକ ଯୋଗଦେଇଥିଲେ। ଏହି ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ବିଦ୍ୟାଳୟ ର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷ କୃଷ୍ଣ କୁମାର ଦୃଷ୍ଟି ଆକର୍ଷଣ କରିଥିଲେ। ନବନିଯୁକ୍ତ ଶିକ୍ଷକମାନେ ଯୋଗଦାନ କରିଥିବା ନେଇ ଅଧ୍ୟକ୍ଷ କମିଟିରେ ସୂଚନା ଦେଇଛନ୍ତି।

## ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ

ମାର୍ଥାପୁର, ୨୦।୨ (ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ସୁରପ୍ରତାପପୁର ଗ୍ରାମପଞ୍ଚାୟତ ମା' ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ଫୁଲ ହାର ମାଆଙ୍କୁ ସୁସଜ୍ଜିତ କରାଯାଇ ବିଭିନ୍ନ ଭୋଗ ରାଗ ଲାଗି କରାଯାଇଥିଲା। ଏହି ଉତ୍ସବରେ ୫ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ମାନେ କଳସଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ପରେ ମା' ତାରିଣୀଙ୍କ ଷୋଡ଼ଶ ଉପଚାର ପୂଜା ଓ ଯଜ୍ଞ ଆରମ୍ଭ ହୋଇଥିଲା। ମା' ତାରିଣୀ କମିଟିର ସଭାପତି ସୁଶାନ୍ତ କୁମାର ନାୟକ, ଉପ ସଭାପତି ଅଜୟ ନାୟକ, ପରିଚାଳନା କମିଟିର ମୁଖ୍ୟ ସଦସ୍ୟ ଅଶୋକ ନାୟକ, ନିରଞ୍ଜନ ନାୟକ, ଅଶୋକ ପାଣି, ରମେଶ ବାରିକ, ଲକ୍ଷ୍ମଣ ପରିଡ଼ାଙ୍କ ସହିତ ସାହି ବାସିନ୍ଦା ଓ ଭକ୍ତ ସହଯୋଗ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ସହିତ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଭଜନ ସମାରୋହରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀ ଚରଣଙ୍କ ଯୋଗଦେଇ ଭଜନ ପରିବେଷଣ କରିଥିଲେ।

ମା' ଝାରେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଲିପିଲୋଇ ଚାମ୍ପିଅନ

ଆଠମଲ୍ଲିକ, ୨୦।୨(ସମିସ): ସନ୍ତୋଷ ଭୋକ୍ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଠମଲ୍ଲିକ ବ୍ଲକ କମ୍ପଲା ଗ୍ରାମପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ମା' ଝାରେଶ୍ୱରୀ ଫୁଟବଲ ଆନୁକୂଲ୍ୟରେ ସନ୍ତୋଷ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଫାଇନାଲ ମ୍ୟାଚ ଗୋଲଡେନ କ୍ଲବ ଲିପିଲୋଇ ଏବଂ ବୁଦ୍ଧଦେବ କ୍ଲବ ପରଗଳପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିବା ବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ଗୋଲଡେନ କ୍ଲବ ଲିପିଲୋଇର ଖେଳାଳି ରାକା ଏକ ସ୍କୋର ଦେଇ ଦଳକୁ ୧-୦ରେ ଅଗ୍ରଣୀ ରଖିଥିଲେ। ଖେଳର ଅନ୍ତିମ ପର୍ଯ୍ୟାୟ ସୁଦ୍ଧା ପରଗଳପୁର ଶୁଝିବାରେ ସକ୍ଷମ ହୋଇ ପାରିନଥିଲା। ଲିପିଲୋଇ ଚାମ୍ପିଅନ ହୋଇଥିବା ବେଳେ ପରଗଳପୁର ରନର୍ସ ଅପ ହୋଇଥିଲା। ଏହି ମ୍ୟାଚରେ ମୁଖ୍ୟ ରେଫରୀ ଭାବେ ସୁଶୀଲ ବେହେରା ଏବଂ ଲାଇନ୍ସ ମ୍ୟାନ ଭାବେ ସୁଜିତ ରାଜ ହଂସ, ଅମିତ ନାଏକ ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଦଣ୍ଡୁଆ ଭୋକ୍ତା। ଏଥିରେ ଆଠମଲ୍ଲିକ, ବୌଦ୍ଧ, ଭେଜିଗୋରା, ରେଢ଼ାଖୋଲ, କମ୍ପଲା, ପରଗଳପୁର ଭାଗ ନେଇଥିଲେ। ଏହି ମ୍ୟାଚ ଅବସରରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକର ବିଜେଡି ନେତା ଚିତ୍ତରଞ୍ଜନ କର୍ଣ୍ଣ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ବିଶ୍ୱମ୍ବର ବେହେରା, ଆଇନଜୀବୀ ଅରବିନ୍ଦ ଜ୍ୟୋତିଷ ରାୟ, କମ୍ପଲା ସରପଞ୍ଚ ସୁଧୀର କୁମାର ସେଠୀ, ପୂର୍ବତନ ସରପଞ୍ଚ କାଶୀନାଥ ସାହୁ, କମ୍ପଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବରାଜ ପ୍ରଧାନ, ଖେଳ ଶିକ୍ଷକ ଗୁପ୍ତେଶ୍ୱର ସାହୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମା' ଝାରେଶ୍ୱରୀ ଫୁଟବଲ କ୍ଲବର ସଭାପତି ସତ୍ୟ ନାରାୟଣ ସାହୁ, ସେକ୍ରେଟାରୀ ବିପିନ ନାଗ, କ୍ୟାପଟେନ ଭାଗବତ ବେହେରା, ରାଜେନ୍ଦ୍ର ଖଣ୍ଡଗିରି, ପ୍ରକାଶ ବଣିତୁର, ବିରେନ ନାଏକ, ବିରେନ କୁମ୍ଭାର, ଲୁକୁ ନାଏକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ। ସର୍ବଶେଷରେ ଉଭୟ ଦଳର ଖେଳାଳିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



# ଦେଶର ସର୍ବବୃହତ୍ ଇସ୍ପାତ କାରଖାନା ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ସମ୍ଭବ ହେବାକୁ ଯାଉଛି



**ମାର୍ଶାଘାଇ, ୨୦।୨(ସମିସ):** ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ବିକାଶର ଧାରା ଦେଶର ସର୍ବକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ଭବ ହୋଇଛି। ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲାରେ ଦେଶର ବୃହତ ଇସ୍ପାତ ଶିଳ୍ପ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ପୋତାରୀଛକରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖାଦ୍ୟ ଯୋଗାଣ, ଖାଉଟୀକଲ୍ୟାଣ, ସମବାୟ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହା କହିଛନ୍ତି। ପୋତାରୀ ହାଟପଡ଼ିଆରେ ୫କୋଟି ବ୍ୟୟ ବରାଦରେ ବରିପଲ୍-ନୀଳାଞ୍ଚଳବଜାର ପର୍ଯ୍ୟନ୍ତ ୬କି.ମି ନଦୀବନ୍ଧ ରାସ୍ତା ମନ୍ତ୍ରୀ ଶ୍ରୀ ନାୟକ ନବୀକରଣ ପିଚୁ ରାସ୍ତାକୁ ଉଦ୍‌ଘାଟନ କରିଥିଲେ। ପାଇକା ନଦୀବନ୍ଧ ରାସ୍ତା ନବୀକରଣ ଯୋଜନା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୁରଣ କରାଯାଇଥିବା ମନ୍ତ୍ରୀ କହିଥିଲେ। ନଦୀବନ୍ଧ ପୋତରୀ ବସଷ୍ଟାଣ୍ଡଓ ନୂତନ ମାର୍କେଟ କମ୍ପ୍ଲେକ୍ସ ଓ ପାଇକା ମହୋତ୍ସବ ଭବନ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ନାୟକ ମୁଖ୍ୟମନ୍ତ୍ରୀଙ୍କ ଆର୍ଶୀବାଦରୁ ପୋତରୀ ବସଷ୍ଟାଣ୍ଡ ଓ ପାଇକା ମହୋତ୍ସବ ଭବନ ସମ୍ଭବ ହୋଇଛି। ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, କେନ୍ଦ୍ରାପଡ଼ା ଆଞ୍ଚଳିକ ବାଣିଜ୍ୟ ସମାବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ ସରପଞ୍ଚ ସୂଜାତା ମଲ୍ଲିକ, ସମିତି ସଭ୍ୟା ସୋନାଲି ମଲ୍ଲିକ, ସମିତି ସଭ୍ୟା ସୁନତି ଦାସ, ସରପଞ୍ଚ ମିନତୀ ଚଇନୀ, ପ୍ରଦୀପ ନାୟକ, ପଞ୍ଚାୟତ ବିଜେଡି ସଭାପତି ଦୁର୍ଯ୍ୟୋଧନ ଦାସ ପ୍ରମୁଖ ଯୋଗଦେଇ ପ୍ରିୟ ନେତା ମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କ ଦୃଢ ନେତୃତ୍ୱ ଯୋଗୁ ଅଞ୍ଚଳବାସୀଙ୍କ ସାମଗ୍ରୀକ ବିକାଶ ସମ୍ଭବ ହୋଇଛି। ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ୫ଟି ପଞ୍ଚାୟତ ନଦୀବନ୍ଧ ପ୍ରଶସ୍ତିକରଣ ଓ ପିଚୁ ରାସ୍ତାରେ ପରିଣତ ହେବାଦ୍ୱାରା ସାଧାରଣ ଲୋକେ ବିଶେଷ ଉପକୃତ ହୋଇପାରିବେ ବୋଲି କହିଥିଲେ। ପାଇକା ମହୋତ୍ସବ ପଡ଼ିଆ ନିକଟରେ ମୋ ବସଷ୍ଟାଣ୍ଡ ଉଦ୍‌ଘାଟନ କରାଯାଇ ଗ୍ରାମାଞ୍ଚଳ ଲୋକଙ୍କ ସୁଲଭ ବସସେବା ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି। ଯାହାଫଳରେ ସାଧାରଣ ଲୋକେ ପଞ୍ଚାୟତ-ବ୍ଲକ ସଦରମହକୁମାକୁ ଯାତାୟତ ସୁବିଧା ଦ୍ୱାରା ଗରିବ ଲୋକେ ବିଶେଷ ଉପକୃତ ହେବ ବୋଲି ଅତିଥିମାନେ କହିଥିଲେ। କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧିକ୍ଷଣଯନ୍ତ୍ରୀ ଉମେଶ ସେଠୀ, ବିଶ୍ୱଜିତ୍ ଦାସ, ପ୍ରଦୀପ ସ୍ୱାଇଁ, ମନୋଜ ପରିଡ଼ା ସହକାରୀ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସମାଜସେବୀ ବିଚିତ୍ରାନନ୍ଦ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ରାଜକନିକା ସିଡିପିଓଙ୍କ ବଦଳିକୁ ନେଇ ଚର୍ଚ୍ଚା

**ରାଜକନିକା, ୨୦।୨(ସମିସ):** ରାଜକନିକା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ବହୁବିଧ ଅନିୟମିତତା ଲାଗି ରହିବା, ସ୍ଥାନୀୟ ବ୍ୟକ୍ତି ଭାବରେ ଜଣେ ସୁପରଭାଇଜର ଓ ଜନୈକା କିରାଣି ଏଠାରେ ରାଜ କରି ସବୁପ୍ରକାର ବ୍ୟବସ୍ଥାରୁ ଫାଇଦା ନେଇ ବିଭାଗକୁ ବଦନାମ କରିବା ଦେଖି ଅତିଷ୍ଠ ସିଡିପିଓ ଶେଷରେ ନିଜଆଡୁ ଯୋଗାଯୋଗ କରି ବଦଳି ହେବାରେ ସଫଳ ହୋଇଛନ୍ତି। ଏହି ଖବର ବୁଦ୍ଧିଜୀବୀଙ୍କୁ ବ୍ୟଥିତ ଆଉ ଚକିତ କରିଛି। ନିୟମକୁ ଫାଙ୍କି ଏଠାରେ ଅବସ୍ଥାପିତ କେତେକ ସୁପରଭାଇଜର ଓ ଜନୈକା କିରାଣି ସ୍ଥାନୀୟ ଲୋକ ହୋଇ ଅଫିସରେ ପ୍ରଭାବ ବିସ୍ତାର କରି ଲାଞ୍ଚ ଓ ଦୁର୍ନୀତି ଚଳାଇଛନ୍ତି। ଏପରି କରୁଥିବା ଦେଖି ବଦନାମ ହେଉଥିବା ସିଡିପିଓ ନିଜ ଆଡୁ ବଦଳି ହେବାକୁ ଉଦ୍ୟମ କରୁଥିଲେ। ଶେଷରେ ନିଜ ଜିଲ୍ଲା ଗଞ୍ଜାମର ଭଞ୍ଜନଗର ସିଡିପିଓ ଭାବରେ ବଦଳି ଆଦେଶ ଆସିବା ପରେ ସେ ଆଶ୍ୱସ୍ତି ହୋଇଛନ୍ତି। ତେବେ ଅଫିସରେ ଚାଲିଥିବା ଅନିୟମିତାକୁ ବରଦାସ୍ତ କରୁ ନଥିବା ଜଣେ ସିଡିପିଓ ନିଜ ଆଡୁ ବଦଳି ହେବାକୁ ଚାହିଁବା ବ୍ଲକର ଦୁର୍ନୀତିକୁ ପଦାରେ ପକାଇଛି ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ଆମ ଗାଁ ଚାନ୍ଦିନୀ ନିର୍ମାଣରେ ଅନିୟମିତତା



**ଓଲାଭର, ୨୦।୨(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ପଧାନପଡ଼ା ପଞ୍ଚାୟତର ବଡ଼ ହଳପଡ଼ା ଗାଁ ମୁଣ୍ଡ ମୁଥାନାଳି ବରଗଛ ଚାନ୍ଦିନୀ ନିର୍ମାଣରେ ବ୍ୟାପକ ଦୁର୍ନିତୀର ଗନ୍ଧ ବାରି ହୋଇ ପଡ଼ିଲାଣି।ଫଳ ସ୍ୱରୂପ ଦିନ କେଇଟାରେ ଚାନ୍ଦିନୀ ଛିନ୍ନ ଛତ୍ର ହୋଇଛି।ସୂଚନା ମୁତାବକ ପଞ୍ଚାୟତ ପକ୍ଷରୁ ୨୦୨୧-୨୨ ବର୍ଷରେ ଆମ ଗାଁ ଚାନ୍ଦିନୀ ନିର୍ମାଣ ନିମନ୍ତେ ମନରେଗାରେ କାମ ହୋଇଥିଲା। ଏଥିରେ ୧, ୩୫, ୦୦୦ ଟଙ୍କା ଖର୍ଚ୍ଚହେବା ନେଇ ସୂଚନା ଫଳକରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି।ଚକିତ କରିଲା ଭଳି କଥା ହେଉଛି ସାଧାରଣତଃ ଯେଉଁଠି ସବୁ ଚାନ୍ଦିନୀ ନିର୍ମାଣ ହୋଇଛି ତାହା ଅତି କମରେ ଦଶ ବର୍ଷ ଯିବା କଥା। ହେଲେ ଏହି ଚାନ୍ଦିନୀର ଅବସ୍ଥା ଯାହା ହେଇଛି ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନି। ଅଭିଯୋଗ ମୁତାବକ ଚାନ୍ଦିନୀ ନିର୍ମାଣରେ ସିମେଣ୍ଟ ଭାଗ କମ୍ ଥିବା ବେଳେ ବରଗଛ ଚାରିପାଖରେ କଞ୍ଚା ମାଟି ପକା ଯାଇ ଅତି ତରବରିଆ ଭାବେ ପଣ୍ଡ ନିର୍ମାଣ ହୋଇଛି।ଯେନତେନ ଟାଇଲ୍ କେଇ ଖଣ୍ଡ ପକେଇ ଦେଲା ପରେ ଆଜି ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି।ଖଣ୍ଡ ଖଣ୍ଡ ହୋଇ ଟାଇଲ୍ ଗୁଡା ଭାଙ୍ଗି ଚୂରମାର୍ ହେବାର ସହିତ ଚାନ୍ଦିନୀ ରେ ବସିବା ବି ସମ୍ଭବପର ହେଉନି।ତେବେ ଗ୍ରାମାଞ୍ଚଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହିଭଳି ଚାନ୍ଦିନୀ ନିର୍ମାଣ ହୋଇଛି ତାହା ଏଠାରେ ଦିଗ ହୁଡିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପାନ୍ତଅଞ୍ଚଳର ଏହି ଗାଁ ରେ କେହି ବି ଏଭଳି ଅନିୟମିତତାକୁ ଦେଖିବେ ନାହିଁ ବୋଲି ଭାବି ଏଭଳି କାମ ହୋଇଥିବାର ଜଣାପଡ଼ିଛି। ତେବେ ବିଭାଗୀୟ ଅଧିକାରୀ ତୁରନ୍ତ ସରଜମିନ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି।

# ବସପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

**ଡେରାବିଶ, ୨୦।୨(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ବସପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଦାଶରଥି ଜେନା, ଏବିଡ଼ିଓ ଭଞ୍ଜ କିଶୋର ନାୟକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ସରପଞ୍ଚ କମଳା ଦାସ ଉପସ୍ଥିତ ରହି ପଞ୍ଚାୟତ ଅଧିନସ୍ଥ ବିଭିନ୍ନ ଗ୍ରାମରୁ ଆସିଥିବା ୩୦ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରେ ଆଧାର ପଞ୍ଜିକରଣ, ଅଣସଂଗଠିତ କ୍ଷେତ୍ର ଶ୍ରମିକ ପଞ୍ଜିକରଣ, ମାଗଣା ମୃତ୍ତିକା ପରୀକ୍ଷା ଓ ପରାମର୍ଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ବୀମା, ଋଣ ଯୋଜନା ପ୍ରସ୍ତୁତି, ପଟ୍ଟା ବଣ୍ଟନ, ଇ-ପାଉତି, ଛାତ୍ରଛାତ୍ରୀମାନଙ୍କ ଜାତିଗତ ପ୍ରମାଣପତ୍ର ଆବେଦନ, ନିର୍ମାଣ ଶ୍ରମିକ ପଞ୍ଜିକରଣ ଓ ନବୀକରଣ, ବଳରାମ ଯୋଜନାରେ ଆବେଦନ, ମାଛ ଚାଷ ନିମନ୍ତେ ପାଣି ପରୀକ୍ଷା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ କେତେକର ତ୍ୱରିତ ସମାଧାନ କରାଯିବା ସହ ଅନ୍ୟ ଅଭିଯୋଗ ଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡ଼ିଓ ଶ୍ରୀ ଜେନା ପଠାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥଲେ। ଏହି ଶିବିରରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ଅମୃତରାଜ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ପ୍ରସନ୍ନଜିତ୍ ନାୟକ, ଜିଆରଏସ୍ ମନୋରଞ୍ଜନ ସାହୁ, ଏମ୍‌ବିକେ ପ୍ରଭାତି ଲେଙ୍କା ଓ ଅନୀଲ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ଡାଙ୍ଗମାଳରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ରାଜନଗର, ୨୦।୨(ସମିସ):** ରାଜନଗର ବ୍ଲକର ଡାଙ୍ଗମାଳ ପଞ୍ଚାୟତରେ ବିଧାୟକ ଧ୍ରୁବ ସାହୁଙ୍କ ଆହ୍ୱାନ କ୍ରମେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦଳୀୟ କର୍ମୀମାନେ ଘରକୁ ଘର ବୁଲି ଘରର କବାଟ ଓ କାନ୍ଥରେ ଶଙ୍ଖ ଚିହ୍ନ ମାରିବା ସହ ରାଜ୍ୟ ସରକାରଙ୍କ ଯୋଜନାର ସୁଫଳ ପାଇଛନ୍ତି ନା ନାହିଁ, ସେମାନଙ୍କର କ'ଣ ଅସୁବିଧା ରହିଛି, ରାଜ୍ୟ ସରକାରଙ୍କ ଲୋକହିତକର ଯୋଜନାରେ କେତେ ଖୁସି ଅଛନ୍ତି ପଚାରି ବୁଝିଛନ୍ତି। ଏହି କାର୍ଯ୍ୟକ୍ରମରେ ଡାଙ୍ଗମାଳ ପଞ୍ଚାୟତ ପର୍ଯ୍ୟବେକ୍ଷକ ମୋହନ ଚନ୍ଦ୍ର ବିଶ୍ୱାଳ, ୩୨ ନଂ ଯୋନ ଜିଲ୍ଲା ପରିଷଦ ସଭ୍ୟା ଖୁକୁମିନା କୁଁଅର, ସରପଞ୍ଚ ଦ୍ରୋପଦୀ ସେଠୀ, ସମିତି ସଭ୍ୟ ଶ୍ରୀଚରଣ ଦାସ, ପଞ୍ଚାୟତ ସଭାପତି ଡିଷ୍ଣୁ ଚରଣ ରାଜ, ନ୍ୟାୟ ସରପଞ୍ଚ କାର୍ତ୍ତିକ ଚରଣ ବେହେରା, ଯୁବ ସଭାପତି ପ୍ରଭାତ ବେହେରା, ବିନୋଦ ସେଠୀ, ବିଶ୍ୱମ୍ବର ବେହେରା, ଜନକର ନାୟକ, ରଞ୍ଜନ କୁମାର ବେହେରା, ଅଜୟ ବେହେରା, ମନ୍ଦାକିନୀ ବେହେରା, ଗୋବିନ୍ଦ ଚନ୍ଦ୍ର ବେହେରା, ରିତେଶ ବେହେରା, ପତିତପାବନ ବାରିକ, ତ୍ରିଲୋଚନ ବାରିକ, ସୁକାନ୍ତ କୁଁଆର ଓ ପ୍ରମିଳା ସାମଲ ପ୍ରମୁଖ ଦଳୀୟ କର୍ମୀମାନେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ନିର୍ବାଚନୀ ବଣ୍ଡ ମାଧ୍ୟମରେ ଟଙ୍କା ନେଇନାହିଁ ସିପିଏମ୍

**କେନ୍ଦ୍ରାପଡ଼ା, ୨୦।୨(ସମିସ):** ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମୋଦି ସରକାରଙ୍କ ଦ୍ୱାରା ପାରିତ ନିର୍ବାଚନୀ ବଣ୍ଡ ମାଧ୍ୟମରେ ରାଜନୈତିକ ଦଳ ମାନେ ଚାନ୍ଦା ଗ୍ରହଣ କରିବା ଆଇନକୁ ରଦ୍ଦ କରିବା ପରେ, ଓଡ଼ିଶାର କେତେକ ସମ୍ବାଦପତ୍ର ସିପିଆଇ(ଏମ) ଦଳ ମଧ ବଣ୍ଡ ଜରିଆରେ ଚାନ୍ଦା ଗ୍ରହଣ କରିଥିବା ସମ୍ବାଦ ପ୍ରକାଶ କରିଛନ୍ତି। ଏଭଳି ସମ୍ବାଦ ସମ୍ପୂର୍ଣ୍ଣ ମିଥ୍ୟା ଓ ଅସତ୍ୟ ଆଧାରିତ। ଦେଶର ବହୁ ରାଜନୈତିକ ଦଳ ଏଭଳି ଶହ ଶହ କୋଟି ଟଙ୍କାର ଚାନ୍ଦା ଗ୍ରହଣ କରିଥିବା ବେଳେ ସିପିଆଇ(ଏମ) ପ୍ରଥମରୁ ଏହାକୁ ବିରୋଧ କରି ଆସିଛି। ନୀତିଗତ ଭାବେ ଏହି ବ୍ୟବସ୍ଥାକୁ ବିରୋଧ କରି ସିପିଆଇ(ଏମ) ପକ୍ଷରୁ ଷ୍ଟେଟ ବ୍ୟାଙ୍କରେ ଏଥିପାଇଁ ଆବଶ୍ୟକୀୟ ଆକାଉଣ୍ଟମଧ ଖୋଲି ନାହିଁ। ରାଜନୈତିକ ଦଳ ଭାବେ ସିପିଆଇ(ଏମ) ହିଁ ପ୍ରଥମେ ଏହି ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ପାର୍ଟିର ସାଧାରଣ ସମ୍ପାଦକ ସୀତାରାମ ୟେଚୁରି ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ମକଦ୍ଦମା ଦାଏର କରିଥିଲେ। ସେହି ମକଦ୍ଦମାର ବିଚାର କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ବ୍ୟବସ୍ଥାକୁ ବେଆଇନ ଦର୍ଶାଇ ରଦ୍ଦ କରିଛନ୍ତି। ତେଣୁ ଜାଣି ଶୁଣି ଉଦ୍ଦେଶ୍ୟ ମୂଳକ ଭାବେ ସିପିଆଇ(ଏମ)କୁ ଅନ୍ୟ ରାଜନୈତିକ ଦଳ ମାନଙ୍କ ସହ ସମାନ ଭାବେ ଦର୍ଶାଇବା ଉଦ୍ଦେଶ୍ୟରେ ଏପରି ମିଥ୍ୟା ସମ୍ବାଦ ପରିବେଷଣ କରାଯାଉଛି। କେବଳ ନିର୍ବାଚନୀ ବଣ୍ଡ ନୁହେଁ, କର୍ପୋରେଟ ସଂସ୍ଥା ଓ ବଡ ବଡ କମ୍ପାନୀ ମାନଙ୍କ ପାଖରୁ ରାଜନୈତିକ ଦଳ ମାନେ ଚାନ୍ଦା ଗ୍ରହଣକୁ ମଧ ପାର୍ଟି ବିରୋଧ କରି ଆସିଛି। ଏପରିକି ବଡ ବଡ କମ୍ପାନୀ ମାନେ ପଠାଇଥିବା ଚାନ୍ଦା କୁ ନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଥିବା ଦୃଷ୍ଟାନ୍ତ ରହିଛି। ଏ ସମ୍ପର୍କରେ ପାର୍ଟିର କେନ୍ଦ୍ର କମିଟି ପକ୍ଷରୁ ମଧ ସ୍ପଷ୍ଟୀକରଣ ଦିଆ ଯାଇଛି ବୋଲି ପାର୍ଟିର ଜିଲ୍ଲା ସମ୍ପାଦକ ଗୟାଧର ଧଳ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ମଣ୍ଡଳ ପ୍ରଭାରୀଙ୍କ ପୂରଣ ପଞ୍ଚାୟତ ଗସ୍ତ

**ବିରିଡି, ୨୦।୨(ସମିସ):** ସୋମବାର ଦିନ ରାଜ୍ୟ ବିଜେପି ଏସସି ମୋର୍ଚ୍ଚା ଉପସଭାନେତ୍ରୀ ତଥା ବିରିଡି ବ୍ଲକ ବିଜେପି ପୂରଣ ମଣ୍ଡଳ ପ୍ରଭାରୀ ସ୍ମିତାପ୍ରଧାନ ୨୨ମୌଜା ପୂରଣ ପଞ୍ଚାୟତ ଗସ୍ତ କରିଛନ୍ତି। ବରିଷ୍ଠ ବିଜେପି ନେତା ଅରୁଣ ଦାସଙ୍କ ଅଧକ୍ଷତାରେ ମରିଚେଇ ଠାକୁରାଣୀଙ୍କ ପ୍ରାଙ୍ଗଣରେ ଏକ ବୈଠକ କରାଜିବାସହ ପୂରଣ ପଞ୍ଚାୟତ ବିଜେପି ୱାର୍ଡ କମିଟି ଗଠନ କରାଯାଇଥିଲା ଏଥିରେ ଜଗତସିଂହପୁର ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ବାମଦେବ ମଲ୍ଲିକଙ୍କ ସହ ପଞ୍ଚାୟତର ପ୍ରମୁଖ ସଦସ୍ୟ ଅରୁଣ ଦାସ, ସୌଭାଗ୍ୟ ଦାଶ, ଫକୀରମୋହନ ପାଢ଼ୀ, ବିଶ୍ୱପ୍ରସନ୍ନ ପଟନାୟକ, ପଞ୍ଚାୟତ ପ୍ରମୁଖ ଅଭିମନ୍ୟୁ ସାହୁ, ବିଶ୍ୱ ରଞ୍ଜନ ମହାପାତ୍ର, ସାରଦା ବାରିକ, ପ୍ରଦୀପ୍ତ ମହାପାତ୍ର, ଜାନକୀ ମହାପାତ୍ର, ଅଶୋକ ସ୍ୱାଇଁ, ନିରାକାର ପଟନାୟକ, ସୋମନାଥ ସାହୁ, ସମୀର ଦାସ, ବିଶ୍ୱଜିତ ଭୋଇ ଦେବେନ୍ଦ୍ର ଭୋଇ, ଦୀନବନ୍ଧୁ ସ୍ୱାଇଁ, ସଞ୍ଜୟ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

# କରାଣ୍ଡିଆ ନଦୀକୁ ଚିରସ୍ରୋତା କରିବାକୁ ଦାବି



**ଡେରାବିଶ, ୨୦।୨(ସମିସ):** ଲୁଣାନଦୀରୁ ଗହଗାଠାରେ ବାହାରିଥିବା କରାଣ୍ଡିଆ ନଦୀ ମୁହଁ କ୍ରମେ ପୋତି ହୋଇ ପଡୁଥିବା କାରଣରୁ କରାଣ୍ଡିଆ ନଦୀରେ ପାଣିର ପରିମାଣ କ୍ରମେ କମି କମି ଆସୁଛି। ଏହାର ମୁହଁ ଖୋଲି କରାଣ୍ଡିଆକୁ ଚିରସ୍ରୋତା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଗହଗାଠାରେ ଲୁଣାନଦୀରୁ ବାହାରିଥିବା ଶାଖା ନଦୀ ଦେଇ ବହୁ ବର୍ଷ ହେଲା ବନ୍ୟା ସମୟ ବ୍ୟତୀତ ଅନ୍ୟ ସମୟରେ ମଧ ନଦୀ ଗର୍ଭରେ ଅଧିକ ପାଣି ରହୁଥିଲା। ଫଳରେ ନଦୀ ପାର୍ଶ୍ୱ ଗ୍ରାମରେ ଚାଷୀମାନେ ସେହି ପାଣିକୁ ବ୍ୟବହାର କରି ପନିପରିବା ଚାଷ କରି ଅର୍ଥ ରୋଜଗାର କରି ପରିବାର ପୋଷଣ ସହ ଆର୍ଥିକ ମେରୁଦଣ୍ଡକୁ ଦୃଢ଼ କରି ପାରୁଥିଲେ। କିଛି ବର୍ଷ ହେଲା ବସପୁର ଓ ଗହଗାଠାରେ ଥିବା ଲୁଣାନଦୀର ବାଲି ସୈରାତ ନିଲାମଧାରୀମାନେ ବର୍ଷତମାମ ବଡ଼ ବଡ଼ ଜେସିବି ମେସିନ୍ ଲଗାଇ ନଦୀ ଶଯ୍ୟାକୁ ବହୁ ଗଭୀର କରି ବାଲି ଉତ୍ତୋଳନ କରୁଥିବା ଯୋଗୁ ନଦୀର ଜଳ ଲୁଣାନଦୀ ବାଟ ଦେଇ ପ୍ରବାହିତ ହୋଇଯାଉଛି। ଫଳରେ କରାଣ୍ଡିଆ ମୁହଁଟି ଅପେକ୍ଷାକୃତ ଉଚ୍ଚ ହୋଇଯାଉଥିବାରୁ ଏହି ନଦୀ ବାଟ ଦେଇ ପାଣିର ଧାର ବନ୍ଦ ହୋଇଯାଉଛି। କରାଣ୍ଡିଆ ନଦୀରେ ଜଳ ପରିମାଣ କମ୍ ଓ ବହୁ ନିମ୍ନରେ ରହୁଥିବାରୁ ଚାଷୀମାନେ ଏତେ ତଳୁ ପାଣି ଆଣି ଚାଷ ଜମିରେ ବ୍ୟବହାର ପାଇଁ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଗହଗାଠାରେ ଲୁଣା ଓ କରାଣ୍ଡିଆ ନଦୀ ମୁହଁରେ ପୋଲ ନିର୍ମାଣ ହେଉଥିବାରୁ ଏହି ପୋଲ ସହ ଏକ ଚେକ୍‌ଡ୍ୟାମ ନିର୍ମାଣ ସହ କରାଣ୍ଡିଆର ଶେଷ ମୁଣ୍ଡରେ ମଧ୍ୟ ଅନ୍ୟ ଏକ ଚେକ୍‌ଡ୍ୟାମ ନିର୍ମାଣ କରାଗଲେ ନଦୀଭିତ୍ତିକ ମାଛ ଚାଷ ଓ ଚାଷ ପାଇଁ ଜଳବ୍ୟବାହାର ହୋଇପାରନ୍ତା ବୋଲି ଅକ୍ଷୟ ବିଶ୍ୱାଳ ଇନ୍ଦାଳୋ, ସୁକାନ୍ତ ପଣ୍ଡା, ଘନଶ୍ୟାମ ମହାନ୍ତି, ଉତ୍ତମ ସ୍ୱାଇଁ, ଅଜୟ ରାଉତ, ଶୁକଦେବ ବେହେରା, ମୁକୁନ୍ଦ ମହାନ୍ତି, ରମେଶ ସ୍ୱାଇଁ, ସୁରେନ୍ଦ୍ର ଜେନା ପ୍ରମୁଖ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

## ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପରିବାରକୁ ଭେଟିଲେ ଅମରେନ୍ଦ୍ର

**ଜଗତସିଂହପୁର, ୨୦।୨(ସମିସ):** ଜିଲ୍ଲାର ଜଗତସିଂହପୁର ଥାନା ଅନ୍ତର୍ଗତ କୂଳ ପଟ୍ଟସରାଠାରେ ଟ୍ରାକ୍ଟର ଓଲଟି ମୃତ୍ୟୁବରଣ କରିଥିବା ପାଟେଣିଗାଁର ରଶ୍ମିରଞ୍ଜନ ସାହୁଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଶାନ୍ତ୍ୱନା ଦେଇଛନ୍ତି ପୂର୍ବତନ ରାଜ୍ୟ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ। ଏପରି ଦୁଃଖରେ ଏକମାତ୍ର ପୁତ୍ର ରଶ୍ମିକୁ ହରାଇ ଭାଙ୍ଗି ପଡ଼ିଥିବା ବାପା, ମା ଓ ପତ୍ନୀଙ୍କୁ ଅଧର୍ଯ୍ୟ ନ ହେବାକୁ ଶାନ୍ତ୍ୱନା ଦେଇଥିଲେ।ଏହି ସମୟରେ ଜଗତସିଂହପୁର ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ପ୍ରସନ୍ନ ସ୍ୱାଇଁ ଙ୍କ ସମେତ ପାଟେଣୀଗାଁର ମୁରବୀମାନେ ଉପସ୍ଥିତ ଥିଲେ।

# ଗୌରାଙ୍ଗ ଚରଣ ଦାସଙ୍କ ତ୍ୟାଗପୂତ ଜୀବନ ଅବିସ୍ମରଣୀୟ



**ଜଗତସିଂହପୁର, ୨୦।୨(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରଜା ଆନ୍ଦୋଳନ ଓ କୃଷକ ଆନ୍ଦୋଳନର ଅନନ୍ୟ ଜନନେତା ଗୌରାଙ୍ଗ ଚରଣ ଦାସଙ୍କ ୫୨ତମ ଶ୍ରାଦ୍ଧୋତ୍ସବ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ଅଳସୁଧା ପୁରୁଣାଗଡ଼ସ୍ଥିତ ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରି ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ତ୍ୟାଗପୂତ ଜୀବନ ଅବିସ୍ମରଣୀୟ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଗୌରାଙ୍ଗ ଚରଣ ହୋତା ଯୋଗଦେଇ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଭାରତଛାଡ ଆନ୍ଦୋଳନରେ ସ୍ୱର୍ଗତ୍ ଗୌରାଙ୍ଗ ଚରଣ ଦାସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତିକା ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ଓଷ୍ଟାର ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସ୍ୱାଇଁ, ଲତା ଦେଇ, ସ୍ମିତା ମହାନ୍ତି, ଦିଦାର ଖାଁ, ଚାରୁଲତା ନନ୍ଦୀ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ଦାସ ରାଜ୍ୟର ଜଣେ ଆଗଧାଡିର କୃଷକ ନେତା ଓ ଅନନ୍ୟ ଜନନାୟକ ଭାବେ ସୁପରିଚିତ ଥିଲେ ବୋଲି ମତ ଦେଇଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗୁତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ସ୍ମୃତି ପ୍ରଜ୍ଞା ଦାସ, ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି, ଶୁଭସ୍ମୀତା ମହାପାତ୍ର, ଅମ୍ବିକା ପ୍ରିୟଦର୍ଶିନୀ ସ୍ୱାଇଁ, ଜୟଶ୍ରୀ ସ୍ୱାଇଁ ଓ ଶୁଭଲକ୍ଷ୍ମୀ ସାହୁଙ୍କୁ ପରିଷଦ ପକ୍ଷରୁ ପ୍ରମାଣପତ୍ର ଓ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଶେଷରେ ଶିକ୍ଷକ ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଖଡ଼ିଅଣ୍ଟାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ, ୨୦।୨(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକର ଖଡ଼ିଅଣ୍ଟା ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଖଡ଼ିଅଣ୍ଟା ପଞ୍ଚାୟତ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦରେ ୫୦ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି ଓ ଏହି ଅନୁଦାନରେ ଯୁବବିକାଶ କେନ୍ଦ୍ର, ମିଶନଶକ୍ତି ଗୃହ ନିର୍ମାଣ, ଦେବାଦେବୀ ମନ୍ଦିର ଉନ୍ନତିକରଣ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ, ସ୍କୁଲ ଗୃହ ଉନ୍ନତିକରଣ ଆଦି ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି। ଖଡିଅଣ୍ଟା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଏକ ସଭା ଆୟୋଜନ କରାଯାଇଥିଲା। ସରପଞ୍ଚ ଜୀବନକୃଷ୍ଣ ରାୟଙ୍କ ପୌରୋହିତ୍ୟ ଓ ସାମାଜିକ ସମୀକ୍ଷକ ନଳିନୀ କାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳ ବିକାଶ ପାଇଁ ଆମ ଓଡ଼ିଶା ନବୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବାରୁ ଏହି ଯୋଜନାରେ ମଞ୍ଜୁର ଅର୍ଥ ବିନିଯୋଗ କରି ଖଡ଼ିଅଣ୍ଟା ପଞ୍ଚାୟତକୁ ଏକ ସମୃଦ୍ଧ ସଶକ୍ତ ଓ ବିକଶିତ ପଞ୍ଚାୟତରେ ପରିଣତ କରିବା ସହିତ ନବୀନ ସରକାରଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।ଏହି ସଭାରେ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଶୁଭ୍ରାଂଶୁ ସାହୁ, ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ, ବାଲିପାଟଣା ପୂର୍ବତନ ସରପଞ୍ଚ କିଶୋର ଜେନା, କନିଷ୍ଠ ଯନ୍ତ୍ରୀ ରତ୍ନେଶ ପାଣ୍ଡେ, ପିଇଓ ସଞ୍ଜିବ ବେହେରା, ଜିଆରଏସ ବୈଷ୍ଣବ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯକାରୀ ହୋଇଥିବା ପ୍ରକଳ୍ପ ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। ଫିଟ ଫର ଫାୟାର ଡ୍ୟାନ୍ସ ଏକାଡେମୀ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ସରକାରୀ ଯୋଜନା ସମ୍ପର୍କ ଜନସଚେତନତା ସୃଷ୍ଟି କରିଥିଲେ ଓ ଶେଷରେ ପିଇଓ ସଞ୍ଜିବ ଧନ୍ୟବାଦ ଦେଇଥିଲେ।

